Digital Copy from the Author

ମନ ନିର୍ଝର

ମଞ୍ଜୁଲତା ଦାସ

ପାଠିକା

Digital Copy from the Author

ମନ ନିର୍ଝର

◆ଲେଖା: ଶ୍ରୀମତୀ ମଞ୍ଜୁବାଳା ଦାସ "ଆମ ଘର", ମୈତ୍ରୀଜନପଦ, ନହରକଣ୍ଟା, ଭୁବନେଶ୍ୱର ଖୋର୍ଦ୍ଧା, ଓଡ଼ିଶା - ୭୫୨୧୦୧ ◆ପ୍ରଥମ ପ୍ରକାଶ: ୨୬ ଜାନୁୟାରୀ, ୨୦୧୪ ◆ପ୍ରକାଶିକା: ପାଠିକା, ୧୨-ମୈତ୍ରୀଜନପଦ, ନହରକଣ୍ଟା, ଭୁବନେଶ୍ୱର - ୭୫୨୧୦୧ ◆ପ୍ରଚ୍ଛଦ : ବିଭୂତି ଭୂଷଣ ପରିଜା ◆ଅକ୍ଷରସଜ୍ଜା: ଅସୀମା ପ୍ରିଣ୍ଟର୍ସ, ନୟାପଲ୍ଲୀ, ଭୁବନେଶ୍ୱର ◆ମୂଲ୍ୟ: ୧୦୦/-(ଏକ ଶହ ଟଙ୍କା)

Mana Nirjhara

◆**Written by :** Smt. Manjubala Das, 'Ama Ghara', Maitree Janpada, Naharakanta, Bhubaneswar, Khurda, Odisha - 752101 ◆**First Edition :** 26 January, 2014 ◆**Publisher** : Pathika, 12, Maitree Janapada, Naharkanta, Bhubaneswar - 752101 ◆ **Cover :** Bibhuti Bhusan Parija ◆**Type Setting :** Asima Printers, Nayapalli, Bhubaneswar ◆**Price :** Rs. 100/- Only

Digital Copy from the Author

ମୋ' ଦୁଇ ଗେହ୍ଲାପୁଅ
ମିକୁ (ମହାନ୍ତି ବିଏମ୍ ବିନମ୍ର ବିକାଶ),
ରିକୁ (ମହାନ୍ତି ବିଏମ୍ ବିସ୍ମୟବିକାଶ)
ଯାହାଙ୍କ ପାଖରେ ଆପେ ଆପେ ଝରିଯାଏ
ମୋ' ମନର ନିର୍ଝର;
ସେ ଦୁହିଙ୍କ ଆଞ୍ଜୁଳାରେ ଭରିଦେଲି
ମୋର ଏଇ 'ମନନିର୍ଝର'।

Digital Copy from the Author

Digital Copy from the Author

କିଛି କହୁଛି...

ସବୁ ମଣିଷଙ୍କ ଭିତରେ କବି ମନଟିଏ ଲୁଚି ରହିଥାଏ । ଅନୁକୂଳ ପରିବେଶ ପାଇଲେ ମନଟି କବିତା ହୋଇ ଫୁଟିଉଠେ । କେଜାଣି କାହିଁକି ପିଲାଟି ଦିନରୁ ଖାତା କଲମ ଧରି କବିତା ଲେଖିବାକୁ ଭାରି ଇଚ୍ଛା ହୁଏ । କିଛିଟା ଲେଖିଦେଲେ ମନଟା ହାଲୁକା ଲାଗେ ।

ଏକା ଏକା ବସି ଭାବିବାକୁ ଭଲଲାଗେ । ପ୍ରକୃତିର ଶୋଭାକୁ ଅନୁଭବ କରେ- ଆକାଶ, ସାଗର, ମେଘ, ମାଟି, ଫୁଲ, ଫଗୁଣ, ନଦୀ, ଝରଣା, କାନନ, କାନ୍ତାର ମୋତେ ବିମୋହିତ କରନ୍ତି । ବିମୁଗ୍ଧ କରନ୍ତି । ସେଇମାନେ ହିଁ ମୋ' କବିତାରେ ରୂପ ନିଅନ୍ତି । ଜୀବନକୁ ବିଶ୍ଲେଷଣ କରେ । ହୃଦୟର ପ୍ରତିଟି ଅନୁଭବ ଅକୁହା କଥାକୁ ଅଜାଡ଼ି ଦିଏ କବିତା ଆଗରେ । ମୋ' ମନରୁ ଯେଉଁ ନିର୍ଝର ଆପେ ଆପେ ଝରିଯାଏ, ତା'ର ରୂପ କବିତା । ପିଲାଦିନୁ କବିତା ମୋ' ସହ ଛାଇ ପରି ଅଛି । ମୋ' ହସ, ଲୁହରେ ହସିଛି, କାନ୍ଦିଛି । ପ୍ରେମ ଶିଖାଇଛି ମୋତେ ମୋ' କବିତା । ସ୍ୱପ୍ନ ରାଇଜରେ ବୁଲାଇଛି । ବିପଦରେ ଧୈର୍ଯ୍ୟ ଦେଇଛି । ସବୁ ସୁଖ, ସୌଭାଗ୍ୟ ଦେଇଛି କବିତା । କବିତା ହୋଇଯାଇଛି ମୁଁ । ମୁଁ ହୋଇଯାଇଛି କବିତା ।

Digital Copy from the Author

ପିଲାଦିନୁ ଲୁଚେଇ କବିତା ଲେଖିବା ମୋର ଅଭ୍ୟାସ । କିନ୍ତୁ କାଳେ କିଏ ପଢ଼ିଦେବ ମୋର ଭାରି ଭୟ । କିଏ କାଳେ କହିଦେବ – 'ଭାରି ଗୋଟେ କବି ହୋଇଗଲାଣି ତ !' ଏ ପ୍ରକୃତିଟା ଏଇ ପରିଣତ ବୟସ ପର୍ଯ୍ୟନ୍ତ ବି ରହିଯାଇଛି, ଜମା ବିଜ୍ଞାପିତ ହେବାକୁ ଚାହିଁନି ମୁଁ । ଏମିତି କି ମୋ' କବିତାକୁ ପ୍ରକାଶ କରିବାକୁ ଚାହିଁନି ।

କୈଶୋରରୁ ପ୍ରୌଢ଼ ପର୍ଯ୍ୟନ୍ତ ବିଭିନ୍ନ ମାନସିକତାରେ ଲେଖାଯାଇଛି ଏସବୁ କବିତା । ବିଭିନ୍ନ ପତ୍ରପତ୍ରିକାର ମୋ' ଶୁଭେଚ୍ଛୁମାନଙ୍କ ଅନୁରୋଧରେ ପ୍ରକାଶିତ ହୋଇଛି । ବିଶେଷକରି, ବିଶିଷ୍ଟ କବି ତଥା ରାଜ୍ଞିକ ମୋର ଗୁରୁ ପ୍ରଫେସର ଅଭିନ୍ନଚନ୍ଦ୍ର ସାହୁଙ୍କ ପ୍ରେରଣା, ଜଗନ୍ନାଥ ସଂସ୍କୃତିର ପ୍ରବକ୍ତା ଶ୍ରୀ ପୀତବାସ ରାଉତରାୟଙ୍କ ସାହାଯ୍ୟ, ଅମୃତାୟନ, ସ୍ୱର୍ଣ୍ଣ, ଚିରସମର୍ଥା, ଦୀଗ୍‌ବଳୟ, ନବରବି, କଥାକଥା କବିତାକବିତା, ସୁଧନ୍ୟା, ଶ୍ୱେତସଙ୍କେତ, ଶତଦ୍ରୁ, ଆସ୍ପୃହା, ମାଟି, ନବପ୍ରକାଶ ଆଦି ପତ୍ରିକାମାନଙ୍କର ସମ୍ପାଦକ ସମ୍ପାଦିକାମାନଙ୍କ ପାଖରେ ମୁଁ ଚିର କୃତଜ୍ଞ ।

ମୋ' ଜେଜେମା, ବାପା, ବୋଉ, ଗୁରୁଗୁରୁଜନ, ବନ୍ଧୁ, ପରିବାର ପରିଜନ, ସମ୍ପୃକ୍ତି, ସମ୍ପୃକ୍ତଣୀ ସକଳ, ସାଙ୍ଗସାଥୀ, ଭାଇଭଉଣୀ, ସହକର୍ମୀ, ଛାତ୍ରଛାତ୍ରୀ ମୋର ଚାରିପଟରେ ଆତପାତ ଶୁଭେଚ୍ଛୁମାନଙ୍କ ସ୍ନେହ, ଶ୍ରଦ୍ଧା ଆଦରରେ ମୋ' ଜୀବନ ମହକିତ ହୋଇଛି । ସେଇମାନଙ୍କ ପ୍ରେରଣା ମନରୁ ଝରିଯାଇଛି ଭାଷାହୋଇ, ତାହା ହିଁ ଏ କବିତାର ରୂପ । ଏମାନଙ୍କ ପାଖରେ ମୁଁ ଋଣୀ ରହିବି ନିଶ୍ଚୟ । ଯେଉଁମାନେ କବିତାକୁ ଆନ୍ତରିକତା ସହ ପଢ଼ନ୍ତି, ଅନୁଭବ କରନ୍ତି, ସେମାନେ ମୋର ଏଇ ମନନିର୍ଝରକୁ ନିଜର କରିନେବେ ବୋଲି ଆଶା ।

୨୦।୯।୨୦୧୪

Digital Copy from the Author

ପୃଷ୍ଠାରେ ପୃଷ୍ଠାରେ

- ମନ ନିର୍ଝର ୧୧
- ତଥପୋଇର ସ୍ୱପ୍ନ ୧୩
- ନୀଡ଼ ୧୪
- କି କବିତା ଲେଖିବି ମୁଁ ୧୫
- ମଧୁ ମାସ ୧୬
- ତମେ କବି ମୁଁ କବିତା ୧୭
- ଅଶୋକ ବନର ଶୋକ ୧୮
- ପ୍ରିୟ ତୁମେ ୨୦
- ତମକୁ ଚାହିଁଛି ରହି ୨୧
- ତୁମ ଲାଗି ଚଉପଦୀ ୨୨
- ଫଗୁଣ ଫେରିଛି ୨୩
- ସଖା ସଙ୍ଗୀତ ୨୪
- ଦିବ୍ୟ ଦୀପାୟନ ୨୫
- ପ୍ରେମିକାର ଦୁଃଖ ୨୬
- ଅନ୍ତରାଗ ୨୮
- କୃତଜ୍ଞତା ୨୯
- କ୍ଷତ ୩୦
- ପ୍ରତୀକ୍ଷା ୩୨
- ବଧୂ ସର୍ବଂସହା ୩୩
- ଦୁଇଟି ଅକ୍ଷର ୩୪
- ତିନିଟି ଆତ୍ମା ୩୫
- ମୁଁ ୩୬
- ଭୁଲିଛି ନିଜକୁ ୩୭
- ଆକାଶ ସାଗର ୩୮
- ନିର୍ଜନତା ୩୯
- ପ୍ରକୃତି ଓ ମୁଁ ୪୦
- ସବୁଜ ପୃଥିବୀ ୪୨
- ହସଲୁହର ତାଜ୍ ୪୩
- ଦୁର୍ବଳତା ୪୪

Digital Copy from the Author

- ସ୍ମୃତି ୪୫
- ମନ ପରିଧି ୪୭
- ଆତ୍ମତୃପ୍ତି ୪୮
- ଆମେ ଦୁହେଁ ୪୯
- ନଦୀ ସାଗର ୫୦
- ଛିନ୍ନ ପୃଥିବୀ ୫୧
- ବଞ୍ଚିବି ନିଶ୍ଚୟ ୫୨
- ଚିଠି ୫୪
- ବାପୁବାଣୀ ୫୫
- ମୂର୍ଚ୍ଛନା ୫୬
- ସେଦିନ ୫୭
- ପୂର୍ବାଶା ୫୯
- ଚାହେ ମୁଁ ୬୦
- ଅଲିଅଳୀ ୬୧
- ପୁରୁଣା ଠିକଣା ୬୨
- ନୂଆ ଜୀବନ ୬୩
- ସେଦିନର ଜହ୍ନ ୬୪
- ସନ୍ଦେହ ୬୫
- ଉଜାଣି ବସନ୍ତ ୬୬
- ଧରିତ୍ରୀ ୬୭
- ମୌସୁମି ୭୦
- ମରୁଝରର ସ୍ୱର ୭୧
- ମନ ୭୩
- କବି ବଧୂର ଦୁଃଖ ୭୪
- ବ୍ୟତିକ୍ରମ ୭୫
- ଭଲପାଇବାର ମାନେ ୭୬
- ଫଗୁ ୭୭
- ତୁମେ ମୋ' ଜୀବନ ୭୮
- ଯେମିତି ଜଣେ ୭୯

Digital Copy from the Author

- ମାୟାଜାଲ — ୮୦
- ଅନ୍ଧୁଣୀ — ୮୧
- ଏକାନ୍ତ ତୁମର — ୮୨
- ଝରଣା କୂଳେ କୂଳେ — ୮୩
- ସୀମା — ୮୪
- ନୀଳ ଠିକଣା — ୮୫
- ହଜି ହଜାଏ — ୮୬
- ମନ ମୋ' ରୁକୁଣା ରଥ — ୮୭
- ନିଜସ୍ୱ ସଂଳାପ — ୮୮
- ପ୍ରିୟତମ ପାଇଁ — ୮୯
- ପହିଲି ଆଷାଢ଼େ — ୯୦
- ମେଘମହ୍ଲାର — ୯୧
- ଚିରନ୍ତନୀ — ୯୨
- ତୁ ପୁରି ରହିଛୁ — ୯୩
- ପତ୍ନୀର ଦୁଃଖ — ୯୪
- ମାଟିର କନ୍ୟା — ୯୫
- କୃଷ୍ଣଚୂଡ଼ା — ୯୭
- ଅଶରୀରୀ — ୯୮
- ତୁମକୁ ପାଏ — ୯୯
- ଖୋଜୁଚି — ୧୦୦
- ସ୍ପର୍ଶ — ୧୦୧
- ଚାହିଁଛି ତୋ' ବାଟ — ୧୦୨
- ଆଲୋକ ଅନ୍ଧାର — ୧୦୪
- ସ୍ରଷ୍ଟାଙ୍କୁ ପ୍ରଶ୍ନ — ୧୦୫
- ଲକ୍ଷ୍ମୀଛଡ଼ା — ୧୦୬
- ଅଭିଶାପ — ୧୦୭
- ପ୍ରତିଦାନ — ୧୦୮
- ସହର ଓହ୍ଲେଇ ଆସେ — ୧୦୯
- ଭୀମ ଭୋଇଙ୍କୁ — ୧୧୧

Digital Copy from the Author

Digital Copy from the Author

ମନ ନିର୍ଝର

ମନ ମୋ' ପାହାଡ଼ୀ ବନନିର୍ଝର
ଶିଳାତଳପରେ
ଝରିଯାଏ ଝରଝର ।
ମନ ମୋ' ମଉନାବତୀ
ନିରବିଳା ନିରବିଳା
ଗାଉଁଲୀ ସକାଳ,
ଦୁବଘାସେ
ଝଲମଲ୍ ପାହାନ୍ତି କାକର ।

ମନ ତ ମୋର ଏକ
କାଚର କଣ୍ଢେଇ
ଥରେ ଭାଙ୍ଗିଗଲେ
ଆହା ! କେବେ
ଯୋଡ଼ି ତ ହୁଏନି,
ସେ ଯେ ଲତା ଲାଜକୁଳି
ଛୁଇଁ ନଛୁଇଁଣୁ
ଲାଜେ ପଡ଼ଇ ଝାଉଁଳି ।

Digital Copy from the Author

ମନରେ ମୋ' ଭରିଯାଏ
ଆଦ୍ୟ ମଉସୁମୀ
ଭିଜାମାଟି ଆଉ ଧାନ କିଆରୀର
ମନଲୋଭା ବାସ୍ନା
କିଶୋରୀ କୁଆଁରୀ
ଛଳଛଳ ସ୍ୱପ୍ନ ବିଭୋର
ହୁଏ ଆନମନା ।

ମୋ' ମନର ଅକୁହା ଗୀତି
ଅନାବିଳ ପ୍ରୀତି ଆଉ
ବ୍ୟଥାର ରାଗିଣୀ
ମରମତଳୁ ଝରିଝରି ଆସେ
କାହାପାଇଁ ବୁଝିବି ତ
ବୁଝି ମୁଁ ପାରେନି ।

ମୋତେ ଲାଗେ
ମୋ' ଅବୁଝା ମନ
ଅଭିମାନୀ ଭାରି
ଅଭିଆଡ଼ୀ ମନ ନେଇ
ସ୍ୱପ୍ନ ବିଭୋର
ଏଇ ମୋ' ମନ ନିର୍ଝର
ଝୁରିଝୁରି ଝରିଯାଏ
ମନଲାଖି ମନଟିଏ ପାଇଁ,
ମନର ମଣିଷ ପାଇଁ,
ମନର ମଣିଷ ପାଇଁ ।

■●■

Digital Copy from the Author

ତଅପୋଇର ସ୍ୱପ୍ନ

ହୁଅନ୍ତି ମୁଁ ତଅପୋଇ
ଅଷ୍ଟ ଅଳଙ୍କାର ଖଞ୍ଜି ହୋଇ
ଖେଳନ୍ତି ମୁଁ
ରାଜା ଝିଅ ମନ୍ତ୍ରୀ ଝିଅ ସାଥେ
ସୁନାର କୁଳେଇ ନେଇ ଖେଳନ୍ତି ମୁଁ ଦୋଳି
ମନଫୁଲାଣିଆ ଗୀତ ଗାଇଗାଇ
ମଙ୍ଗଳାଙ୍କ କରୁଣାରେ ବନବାସ ପର୍ବମୋର
ଯାଆନ୍ତା ଶେଷ ହୋଇ ।
ମୋ' ସାତ ଭାଇଙ୍କ ଭଳି ମେଲନ୍ତି ବୋଇତ ମୋର
ସାତଦରିଆ ସେପାରି ତରଙ୍ଗକୁ କାଟିକାଟି
ମୋ' ବୋଇତ ପହଞ୍ଚନ୍ତା
ପୋହଳାଦ୍ୱୀପ ଆଉ ମଣିମୟ ଲବଙ୍ଗଦ୍ୱୀପରେ
ଆଣନ୍ତି ସାଉଁଟି
ବୋଇତବୋଇତ ଭର୍ତ୍ତି ହୀରାନୀଳା ମାଣିକ ଓ ମୋତି
ମୋ' ରାଇଜ ହୁଅନ୍ତା ସବୁ ରାଇଜର ମଉଡ଼ମଣି
ସୁବର୍ଣ୍ଣପୁର ।
ପ୍ରତିଘରେ ସ୍ଫଟିକ ପାବଚ୍ଛ
ସୁନାରେ ଛାଉଣି ଗଜଦନ୍ତପୁର
ମୁଁ ତ ନୁହେଁ ଅବଳା ଦୁର୍ବଳା
ସେଇ ନିରିମାଖୀ ତଅପୋଇ
ତନୟବନ୍ତ ସାଧବଙ୍କ ସାତପୁଅ ପରି
ଜୀବନସ୍ୱପ୍ନ ଆଉ ସ୍ୱପ୍ନର ଜୀବନ ନେଇ
ମୋ' ରାଜକୁମାର ସାଥେ
ଦରିଆରୁ ଦରିଆକୁ ମୁଁ ବୁଡ଼ି ବୁଲନ୍ତି
ମେଲି ମୋ' ଜୀବନ ବୋଇତ
ମୋ' ସପନ ବୋଇତ
ସବୁ ସପନ ମୋ' ହୋଇଯାନ୍ତା ସତ ।

■●■

Digital Copy from the Author

ନୀଡ଼

ଛୋଟ ଏକ ନୀଡ଼ ପାଇଁ
ଦେଖିଛି ମୁଁ କେତେ ସ୍ୱପ୍ନ
ତୁମ ସାଥେ
ଆମାଜନ ନଦୀ ଧାରେଧାରେ
ଅବା ମିସୋରିମିସିସିପି କୂଳେ
କେତେ ଆଶା ବୁଣୁଥିଲି
ରଚିଯିବା ପାଇଁ
ଛୋଟ ଏକ ନୀଡ଼ ।
ଆମ ମଧୁମୟ ସ୍ମୃତିର ମନ୍ଦିର
ଯେଉଁଠି ବହୁଥିବ ସଦା
ସ୍ନେହ, ପ୍ରେମ ଗଙ୍ଗୋତ୍ରୀର ଧାରା
ଆଉ ପ୍ରୀତି ଚିତ୍ରୋତ୍ପଳା ।
ଯେଉଁଠି ହଳଦୀବସନ୍ତ ବାନ୍ଧିଥିବ ବସା
ଚନ୍ଦ୍ର ସୂର୍ଯ୍ୟ ଦେଖୁଥିବେ
ଆମ ପ୍ରୀତି ପ୍ରଣୟକୁ
ସ୍ୱପ୍ନ ସବୁ ତାରାଫୁଲ ହୋଇ
ଝଟକୁଥିବେ ଆମ ମନ ଆକାଶରେ,
ଆମ ଘର ପଛପଟ ଜଙ୍ଗଲେ
ଯେଉଁ ଅନ୍ଧାର ଲୁଚି ବସିଥିବ
ଅଥବା ଲୁଚକାଳି ଖେଳୁଥିବ
ଆଲୁଅ ସାଥିରେ ।
ଆମେ ଦୁହେଁ ବସିଥିବା ନିରବରେ
ଖୁବ୍ ନିକଟରେ
ଅନୁଭବ କରୁଥିବା
ଆପଣାକୁ ଆପଣା ଭିତରେ ।

■●■

Digital Copy from the Author

କି କବିତା ଲେଖିବି ମୁଁ ?

କି କବିତା ଲେଖିବି ମୁଁ
ଭାବନା ମୋ' ବରଫ ପାଲଟେ
କଳ୍ପନାର ରଙ୍ଗ ସବୁ ଫିକା ପଡ଼ିଯାଏ
ମୋ' ମନ ଆକାଶେ ଅଦିନ ବଉଦ ସବୁ
ଭାସିଭାସି ଆସେ,
ଜହ୍ନ ତାରାମାନେ
ଲୁଚିଯାନ୍ତି ଲାଜେ ଅପମାନେ !
ପ୍ରବଞ୍ଚନା, ପ୍ରତାରଣା, ଛଳନା ଘୂରି ବୁଲେ
ପ୍ରେତ ହୋଇ ମୋ' ଚଉପାଶେ ।
ବିଶ୍ବାସଘାତକତା, ସ୍ୱାର୍ଥପରତା
ମୋ' ହୃଦୟକୁ କରିଛି ରକ୍ତାକ୍ତ
ଆତଙ୍କିତ ମୋର ମନ ।
ଅବସନ୍ନ ମୋର ପ୍ରାଣ ।

କଥାର ବୋମା ବିସ୍ଫୋରଣ
ସ୍ୱପ୍ନର ମିନାର ସବୁ ଭାଙ୍ଗିପଡ଼େ
ଖଣ୍ଡଖଣ୍ଡ ହୋଇ
ହୃଦୟରୁ ଛୁଟେ ଦୀର୍ଘଶ୍ୱାସ
ଆଖିରୁ ଝରୁଥାଏ ଶ୍ରାବଣର ନଈ ।

ବନ୍ଦୀ ମୋ' ମନ ଅମୁହାଁ ଦେଉଳେ
ଶରୀର ଅବଶ, ହାତପାଦ, ଅଚଳ, ବିବଶ
ଲେଖନୀ ମୋ' ନିରବ ନିଥର
କି କବିତା ଲେଖିବି ମୁଁ କୁହ ?
ଆଖି ନୁହେଁ ମନୁ ମୋର ଝରିଯାଏ ଲୁହ ।

■●■

Digital Copy from the Author

ମଧୁ ମାସ

ବହେ ଝରଝର ମନନିର୍ଝର
ବନର ଝରଣା ହୋଇ,
ପାଷାଣ ବୁକୁକୁ ଚିରିଦେଇ ପାରେ
ଖାଲଖମା ମାନେ ନାହିଁ ।
କେବେ ଛଳଛଳ, କେବେ ଅସ୍ଥିର
କେବେ ସ୍ରୋତଖରତର
ଟାଙ୍ଗଣ ଭୂଇଁରେ ଶ୍ୟାମଳିମା ଭରେ
ହସିଉଠେ ବିଲ ବନ ।
ମନ ନିର୍ଝରର ଭରା କାଚକେନ୍ଦୁ ପାଣି
ସତେ ବା ଗଙ୍ଗୋତ୍ରୀ ଧାର,
ପାବନ ଶୋଭନ କେତେ ଯେ ସପନ
ତହିଁ ହୁଏ ଝଲମଲ ।
ଜୀବନକୁ କରେ ସ୍ୱପ୍ନମୟ ସିଏ
ସପନେ ଭରେ ଜୀବନ,
ଜୀବନେ ସପନ ଫୁଲ ହୋଇ ଫୁଟେ
ହସେ ମନ ଉପବନ ।
ନିଦାଘ ବସନ୍ତ ଶରତ ଓ ଶୀତ
ଆଠକାଳ ବାର ମାସ,
ତା' ସ୍ରୋତ ହିଲ୍ଲୋଳେ
ଉଛୁଳି ଉଠଇ
ଜୀବନର ମଧୁ ମାସ ।

■●■

Digital Copy from the Author

ତମେ କବି, ମୁଁ କବିତା

ସଂସାର ପଟାରେ ଆମ ପରିଚୟ,
କିଁ ବା ପରିଚୟ ଦେବା କହ ?
ତୁମେ ପରା କବି ମୁଁ ପରା ତୁମର କବିତା
ଜୀବନ ଆକାଶେ ତମେଇ ତ ମୋର ସବିତା
ତମେ ପରା କବି, ମୁଁ ପରା ତୁମର କବିତା ।
ଝର୍ଣ୍ଣା ବହିଲେ ଝଟକା ଆସିଲେ
ଶୁଭେ ଯେ ଝଡ଼ର ଝଙ୍କାର
ସେ ଝଡ଼ ଝଙ୍କାରେ ବରଷା ନାଚିଲେ
ମୁଁ ଯେ ବରଷାର ନୂପୁର ।
ଚୁପିଚୁପିଚୁପି ତମ କାନେ କହେ
ହାତେ ହାତ ଛନ୍ଦି ଆସଆସ ପ୍ରିୟେ,
ବେଦମ୍ ନାଚିବା କ୍ଲାନ୍ତ ହେବାଯାଏ
ବାଉଳା ବାଦଲ ମାଦଳ ବଜାଏ
ତାକ୍ ଧିନ୍ ତାକ୍ ତା,
ତମେ ପରା କବି ମୁଁ ପରା ତୁମେ ଇ କବିତା ।

■●■

Digital Copy from the Author

ଅଶୋକ ବନର ଶୋକ

ଇଏ ସୁବର୍ଣ୍ଣପୁରର ସୁବର୍ଣ୍ଣଗଡ଼
ପ୍ରତିଟି ଘର ଏଠି ସୁବର୍ଣ୍ଣ ଛାଉଣି
ଦୁଃଖର ଉବୁଟୁବୁ ନଈରେ
ନିତି ପ୍ରତି ସ୍ନାନ କଲେ ବି
ଏଠି କାନ୍ଦିବାକୁ ମନା,
ଏଠି କାନ୍ଦି ହୁଏନି ।
ପ୍ରତି ଲିତା ବିଲିତା
ପ୍ରତିଟି ମୁହୂର୍ତ୍ତ

Digital Copy from the Author

ଶୋକ କରେ ଅଶୋକ ବନରେ
ହାତ ପାଦେ ନଥାଇ ଶିକୁଳୀ
ମୁଁ ଏଠି ବନ୍ଦିନୀ ।
କେବେ କେମିତି ହସିବାକୁ
ଇଚ୍ଛା ହେଲେ ବି
ଏଠି ବି ହସିବାକୁ ମନା
ହସ ଏଠି ସାତ ସପନର ସପନ
ଏଠି ହସିବାର ପ୍ରଶ୍ନ ଉଠେନା ।
ଏଠି ବସିବାକୁ ମନା
ଉଠିବାକୁ ମନା,
ବଞ୍ଚିବାକୁ ମନା,
ମରିବାକୁ ମନା ।
ଉଜାଗରେ ସ୍ୱପ୍ନ ଦେଖେ
ସମୟର ଉଜାଣି ସୁଅରେ
ଆମର ସେ ଚିତ୍ରକୂଟ ପର୍ଣ୍ଣକୁଟୀରରେ
ଯେତେବେଳେ ମୋ' ପାଇଁ ଆଣୁଥିଲ
ସୁଆଦିଆ ଖଟାମିଠା ବଣ ଫଳମୂଳ
ମୁଁ ତୁମକୁ ଫୁଲେ ଦେଉଥିଲି ମଣ୍ଡି
ମୋ' ହସରୁ
ତମେ ସାଉଁଟୁଥିଲ ମଣି ଓ ମାଣିକ୍ୟ
ଅଝଟ ଅଭିମାନେ କାନ୍ଦୁଥିଲ
ଝରୁଥିଲା ଗଜମୋତି ।
ଏ ମଣିମୟ ଏ ସୁବର୍ଣ୍ଣ ଉଆସ ।
ବିଶ୍ୱର ସମସ୍ତ ଐଶ୍ୱର୍ଯ୍ୟ
କେଡ଼େ ତୁଚ୍ଛ କେତେ ଅକିଞ୍ଚନ
ସ୍ମୃତିର ହୀରା ଫରୁଆରେ
ସେଇ ସବୁ ମୁକ୍ତା
ସାଇତି ରଖିଥିବି ସବୁଦିନ ପାଇଁ ।

■●■

Digital Copy from the Author

ପ୍ରିୟ ତୁମେ

ବିରହୀ ଯକ୍ଷ ହୋଇ ଯେବେ ପ୍ରିୟ
ଥିବ ରାମଗିରି ଶିଳାପରେ
ଶ୍ରାବଣୀ ମୌସୁମି ହୋଇ ମୁଁ ଚୁମିବି
ତୁମ ଶେତା କପୋଳରେ ।

ବାଉଳା ବଇଁଶୀ ହୋଇ ଯେବେ ପ୍ରିୟ
ବିରହେ ଲୋଡ଼ିବ ପ୍ରିୟାରେ
ରାଇ ବିନୋଦିନୀ ହୋଇ ଧାଇଁଯିବି
ସବୁ ଅପବାଦ ଫିଙ୍ଗି ଦୂରେ ।

ହୀରକ ଖଚିତ ସୁବର୍ଣ୍ଣ ମୃଗକୁ
ମୋ' ପାଇଁ ଯେବେ ଯିବ ଆଣି ।
ତୀର ଧନୁ ହୋଇ ହାତେ ମୁଁ ରହିବି
ମୁହୂର୍ତ୍ତେ ପାଖ ଛାଡ଼ିବିନି ।
କବି ହୋଇ ଯଦି କବିତା ଲେଖିବ
ପ୍ରିୟ ମୋର ଏଇ ଲେଖନୀରେ,
କବି ପ୍ରିୟା ହୋଇ ତୁମ ପାଶେ ଥିବି
ନୀଳନଈ ଜୋଛନାରେ ।
ଶିଳ୍ପୀ ହୋଇ ଯେବେ ମୋ' ରୂପ ଆଙ୍କିବ
ତୁମ ତନ୍ମୟେ ତୂଳିକାରେ ।
ରୂପ, ରସ, ଗନ୍ଧେ ତୁମକୁ ମୋହିବି
ଲୀଳାୟିତେ ଲିତା ବିଲିତାରେ ।

■●■

Digital Copy from the Author

ତମକୁ ଚାହିଁଛି ରହି

କୋଇଲି ଡାକିଲେ ହୁଏ ଆନମନା
ତୁମ ଡାକ ଶୁଣିଥାଏ,
କାଉ କା' କଲେ ତମେଇ ଆସୁଛ
ଭାବି ମୁଁ ତଣ୍ଟୁଳ ଦିଏ ।
ହଳଦୀ ବସନ୍ତ କୁରୁଳି ଉଠିଲେ
ତୁମ ମୁହଁ ମୋତେ ଦିଶେ,
ଭଦଭଦଳିଆ ଗଛରେ ବସିଲେ
ତମ କଥା ମନେ ଆସେ ।
ବାଡ଼ କଡ଼େକଡ଼େ ସିଜୁ ବୁଦା ମୂଳେ
ନେଉଳ ଚାହିଁଲେ ମୋତେ,
ତମେ ଆଜି ନିଶ୍ଚେ ଆସିବ ଜାଣି ମୁଁ
ଗଭା ବାନ୍ଧେ ତରତରେ ।
ତମେ ତ ଜାଣନା କେତେ ମୁଁ ଉଛନ୍ନ
ତମ ଲାଗି ତମ ପାଇଁ,
ଆସିବ ଆସିବ ବୋଲି ପରା ତମେ
ବାଟକୁ ରହିଛି ଚାହିଁ ।

■●■

Digital Copy from the Author

ତୁମ ଲାଗି ଚଉପଦୀ

ଜୀବନେ ତ ସଖା ଚାହିଁ ନାହିଁ କେବେ
ଦଉଲତ ବଇଭବ,
ଚାହିଁ ନାହିଁ କେବେ ହୀରା ନୀଳା ମୋତି
ଯାହା ମୋ' ଗଳେ ଶୋହିବ ।
ଚାହେ ଖାଲି ସଖା ତମ ବାହୁ ସଦା
ବେଢ଼ି ଥାଉ ମୋର ଗଳେ
ସେହି ମୋ' ଦୁର୍ଲଭ ଶାରି ସମ୍ପଦ
ସୁନ୍ଦର ଭୁବନ ତଳେ ।
ଗୋଟିଏ ମୁହୂର୍ତ୍ତ ବିତିନାହିଁ ସଖା
ମୋ' ଭିତରେ ତୁମେ ନାହିଁ,
ଗୋଟିଏ ମୁହୂର୍ତ୍ତ ନାହିଁ କେବେ ସଖା
ଦିଶିନାହିଁ ତମ ମୁହଁ ।
ଏଇମିତ ବିତୁ ପ୍ରତିଟି ମୁହୂର୍ତ୍ତ
ମୋ' ଶେଷ ନିଶ୍ୱାସ ଯାଏ
ପ୍ରତିଟି ନିଶ୍ୱାସ ତୁମକୁ ନିବିଡ଼େ
ଅନୁଭବେ ପାଉଥାଏ ।

■●■

Digital Copy from the Author

ଫଗୁଣ ଫେରିଛି

ମୋ' ଅଜାଣତେ
ଋତୁ ପରେ ଋତୁ ବଦଳିଲେ
ମୁଁ କିନ୍ତୁ ହଜିଛି
ଷୋହଳଟି ଚୋରା ବସନ୍ତରେ
ସେ କେଉଁ କାଉଁରୀ ସ୍ପର୍ଶରେ
ମନ ଉପତ୍ୟକାରେ ଶିହରଣ
ଚିର ବସନ୍ତର ରାସୋତ୍ସବ
ମଳୟର ଆଲିଙ୍ଗନ
ଗ୍ରୀଷ୍ମ ଶୁଖାଇ ପାରିନି
ବର୍ଷା ଧୋଇ ପାରିନି
ଦେହ ମନ ହୃଦୟକୁ
ବସନ୍ତର ରଙ୍ଗ ହୋଲି
ହୋଲି ଖେଳର ଚିହ୍ନ
ଫଗୁଣର ଫଗୁ ଅଧିକରୁ ଅଧିକ
ଲେସି ହୋଇଯାଉଛି ମନରେ
ଦେହରେ ହୃଦୟରେ
ପ୍ରତିଟି ଶିରା ପ୍ରଶିରାରେ ।

■●■

Digital Copy from the Author

ସଖା ସଙ୍ଗୀତ

ସିଏ କି କବିତା ପଢ଼ିଲେ ଯହିଁରେ
ତମ କଥା ନାହିଁ ଲେଖା,
ସିଏ ବା କି ଗୀତ ଗାଇଲେ ଯାହାକୁ
ଭ୍ରମର ନମିଲେ ଦେଖା ।
ସିଏ କି ପ୍ରକୃତି
ଦେଖିଲେ ଯାହାକୁ
ତମେ ନ ନାଚ ନୟନେ ।
ତମେ ଭଲପାଅ ବୋଲି ପରା ସଖା
ଗଭାରେ ଖୋସେ ମୁଁ ଫୁଲ,
ତମେ ହସିଦେଲେ, ତମେ ଖୁସି ହେଲେ
ସବୁରି ପାଏ ମୁଁ ମୂଲ !
ଏ ସାରା ଜୀବନେ ନିଆଁର ପରଖ
ଦେଇ ମୁଁ ପାରିବି ସଖା,
ତମ ଆକାଶରେ ଅନ୍ଧାର ଗ୍ରାସିଲେ
ହେବି ମୁଁ ବିଦ୍ୟୁତରେଖା ।
ପକ୍ଷୀର କାକଳି
ପତ୍ରର ମର୍ମର
କୁଳୁକୁଳୁ ଝରଣାର,
ସବୁଠି ଶୁଣେ ମୁଁ
ତମ କଥା ସଖା
ତମରି ଅଭୁଲା ସ୍ୱର ।
ବେଳା ସିକତାରେ
ନଈ କୂଳେ କୂଳେ
ମରୁଭୂମି ବାଲୁକାରେ,
ସବୁଠି ଦେଖେ ମୁଁ
ତମ ପଦଚିହ୍ନ ଅଙ୍କିତ ଯତନରେ ।

■●■

Digital Copy from the Author

ଦିବ୍ୟ ଦୀପାୟନ

ମା' !
ତୁମେ ପରା ଚିରନ୍ତନୀ ପ୍ରକୃତିର
ଦିବ୍ୟ ଦୀପାୟନ,
ତୁମେ ସ୍ୱୟଂ ପୁରୁଷର ଅଭିବ୍ୟକ୍ତି
ଗୁଣାତୀତ, ଗୁଣମୟୀ
ଶକ୍ତିର ଉତ୍ସ ଅନୁପମ ।
କୋଟିକୋଟି ଆଶ୍ରିତଙ୍କ
ପରମ ଆଶ୍ରୟ
ତୁମରି କୃପାରେ
ପଙ୍ଗୁ ବି ଲଙ୍ଘଇ ଗିରି
ଅଭୟ ମୁଦ୍ରାରେ ଦିଅ
ସନ୍ତାନକୁ ଶକ୍ତି ବରାଭୟ,
ତୁମେ ତ କରୁଣାମୟୀ କାରୁଣିକା
ପାରାବାର ଦିବ୍ୟ ଚେତନାର ।
ମାହେଶ୍ୱରୀ, ମହାକାଳୀ,
ମହାଲକ୍ଷ୍ମୀ, ମହାସରସ୍ୱତୀ
ରୂପନେଇ ଯୁଗେ ଯୁଗେ ଅବତର
ଅରୋଭିଲ୍ ସୂର୍ଯ୍ୟଭଏଁ
ତୁମର କରୁଣା କଟାକ୍ଷେ
ପଣ୍ଡିଚେରୀ ବେଳାଭୂମେ
ତୁମ ପଦଚିହ୍ନ
ଅଙ୍କିତା ରହିଛି
ରହିଥିବ ଯୁଗଯୁଗାନ୍ତର ।

■●■

Digital Copy from the Author

ପ୍ରେମିକାର ଦୁଃଖ

ପ୍ରେମିକାଟି ସାଜି
ତୁମେ ମନ ନେଇପାର, ବାନ୍ଧିପାର
ବାନ୍ଧିପାର ତୁମର ପ୍ରେମିକର ଚଞ୍ଚଳା ମନକୁ
ତୁମର ଭସାଭସା ଆଖି
ଆଉ କୁହୁକ ଭରା କଥାରେ ।
ତୁମ ପାଗଳାମି, ତୁମ ପାଗଳାମି
ପ୍ରେମିକକୁ ସ୍ୱପ୍ନରେ ହଜାଏ
ପାଗଳ କରେ, କବି କରେ
ଭାବୁକ କରେ, ଶିଳ୍ପୀ କରେ ।
ତାଙ୍କ ଲେଖନୀ, ତୂଳୀରେ
ରଚି ଯାଏ କେତେ ଇତିହାସ
ଗଢ଼େ କେତେ ତାଜ୍ ପରେ ତାଜ୍ !

ପ୍ରେମିକକୁ ପରିଚୟ ଦେଇ
ନିଜ ପରିଚୟ ଲୁଚାଇ ଦିଅ

Digital Copy from the Author

କୋଉ ଏକ ଅନ୍ଧାର ଇଲାକାରେ
ସମାଜରେ ହୁଅ ଲାଞ୍ଛିତା
କଳଙ୍କିନୀର ଅପବାଦ ବହି
ପ୍ରେମିକର ମଥାରେ ଲଗାଇଦିଅ
ଯେତେ ଯେତେ ଯଶ, ସମ୍ମାନର
ବିଜୟର ଟୀକା ।
ପ୍ରତିଦାନେ ପାଅ କ'ଣ
ତୁମ ପ୍ରେମିକଟି ସ୍ୱାମୀ ସାଜି
ପତ୍ନୀକୁ ଅର୍ପିଦିଏ ସବୁ ଅଧିକାର
ଦିଏ ତାକୁ ସ୍ୱତନ୍ତ୍ର ପରିଚୟ ।
ଅଭିମାନରେ ଫାଟିପଡ଼େ
ଆଦର୍ଶ ପତ୍ନୀର ପ୍ରମାଣ ଦେଇ
ଶୁଦ୍ଧ ସୁବର୍ଣ୍ଣ ପାଲଟେ ।
ନିଜକୁ ଅଜାଡ଼ି ଦେଇ
ଉଜାଡ଼ି ଦେଇ
କଳଙ୍କିନୀର ଟୀକା ନେଇ
ତମେ ରହିଯାଅ ସମାଜରୁ
ସମ୍ପର୍କଠୁ ଦୂରେ ବହୁ ଦୂରରେ
ଅପମାନ, ଲାଞ୍ଛନାର
ବୋଝ ବୋହି ତୁମେ କୂର୍ମ ପାଲଟ
ସେହିଁ ତୁମର ଗର୍ବ
ସେଥିରେ ହିଁ ତୁମର
ଜୀବନର ସାର୍ଥକତା ।
ନିଜେ ଲୁଚାଇ ଲୁଚାଇ କାନ୍ଦି
ଓଠରେ ହସ ଭରି ଚାଲିଥାଅ ତୁମେ
ଜୀବନ ରାସ୍ତାରେ
ଖୁବ୍ ଆନନ୍ଦରେ ।

■●■

Digital Copy from the Author

ଅସ୍ତରାଗ

ମୃତ୍ୟୁ କରୁଣ ବେହାଗ ନୁହେଁ
ଆଉ ଏକ ଗୋଲାର୍ଦ୍ଧର
ନବଜନ୍ମର ମଙ୍ଗଳ ମହୁରୀ
ପଶ୍ଚିମଦିଗନ୍ତ - ଅସ୍ତରାଗକୁ
ଭରିଦେବ ସାତରଙ୍ଗ ଢେଉରେ
ରାତି ନ ପାହୁଣୁ ପ୍ରଭାତୀ ତାରାର
ଆଳାପରେ,
ଫେରିଆସିବ
ସେ ପୂର୍ବାଶାର ଅରୁଣିମା ବର୍ଣ୍ଣାଳୀର
ଢେଉରେ ଢେଉରେ ।

■●■

Digital Copy from the Author

କୃତଜ୍ଞତା

ନୀଳ ଆକାଶର ସାମିଆନା ତଳେ
ଯେତେ ଜୀବଜନ୍ତୁ, କୀଟପତଙ୍ଗ ଗଛବୃକ୍ଷ
ନଦୀ ପାରାବାର
ସବୁ ଏଠି ଏକାକାର
ସାନ ବଡ଼ କିଛି ଭେଦ ନାହିଁ
ସଭିଙ୍କର ମୂଲ୍ୟ ଅଛି
ଅଛି ସ୍ୱତନ୍ତ୍ର ଅଧିକାର ।
ସମସ୍ତଙ୍କ ପାଶେ ସମସ୍ତେ ତ ଋଣୀ
କାହା ବିନା କେହି ନିମିଷକ ପାଇଁ
ରହି ପାରିବେନି କିଇ
ଅହଂର କାଳିମା ପୋଛିଦେଇ
ଆମେ କୃତଜ୍ଞତା ଭରିଦେବା
ସବୁରି ମନରେ ସବୁରି ହୃଦୟେ ।

■●■

Digital Copy from the Author

କ୍ଷତ

ଉଦାସିଆ ଆକାଶଟା
ଏତିକି ଲୋଭିଲା,
ଏତିକି ଲୋଭିଲା ତା'
ନିରୀହ ପତଳା ଦେହଟା ।
ମଉଳା ଆକାଶକୁ ଚାହିଁ ଚାହିଁ
ଭାବନାର ସୀମାରେଖା ମୁଁ ଟପୁଛି
ଗଦାଗଦା ବେଦନାର ବୋଝ ଲଦି
ମୁଁ ଶୋଇଛି
ଅଶ୍ରୁର ରଙ୍ଗମାଖି
ମୁଁ ଆଜି ସୁନ୍ଦରୀ ସାଜୁଛି ।

ମୋ' ଅନ୍ତର ତଳେ କେତେ
ପ୍ରଶ୍ନର ଲହରୀ
ଲାଭକ୍ଷତିର ହିସାବ ମୁଁ ଖୋଜୁଛି
ଦୁନିଆଁରେ ବଞ୍ଚି ଲାଭ କ'ଣ ?
ନ ବଞ୍ଚିଲେ କ୍ଷତି କ'ଣ ଅଛି ?

Digital Copy from the Author

ଜୀବନଟା ଯାହା ଖାଲି
ହତାଶାର ଦୀର୍ଘଶ୍ୱାସ
ନାହିଁ ସେଠି ସୁଖ ଶାନ୍ତି
ବେଦନାର ରିମ୍‌ଝିମ୍ ସ୍ୱରଦେଇ
ଅଶ୍ରୁଧାରା ସାଥେ ମିଶି
ମୁଁ ଚାଲୁଛି ତାଳଦେଇ
ଭବିଷ୍ୟତ ମୋର ନାହିଁ
ସବୁ କିଛି ଦେଇଛି ଅଜାଡ଼ି
ତଥାପି ମୁଁ ଏକ କ୍ଷତ
ତାଙ୍କ ପାଇଁ, ସେମାନଙ୍କ ପାଇଁ ।

ଅନେକ ରଙ୍ଗ ମାଖି ମୁଁ ଆସିଥିଲି
ଫୁଟାଇବା ପାଇଁ ହସର ଗୋଲାପ
ସେ ଆଶା ଆଜି ମରିଚୀକା ।
ଆଜି ମୁଁ ଭାବୁଛି
କ୍ଷତ ହୋଇ ଯନ୍ତ୍ରଣା
କାହିଁକି ବା ଦେବି ?
ମରିଯିବା ବରଂ ବରଣୀୟ
କିନ୍ତୁ ମୁଁ ପାରୁନାହିଁ ମରି
ପାରିବି ବି ନାହିଁ ।
ଅଶ୍ରୁର ପାର୍ବଣରେ ମୋ' ଜୀବନ
ଦୀପ ନିଭିଯିବ ।
ବଞ୍ଚିବାର ଅଭିନୟ କରିବାକୁ ହେବ ।
ମୁଁ ବଞ୍ଚିବି ଝରି ଝରି ମରି ମରି
ଦେଖିବାକୁ ମୋ' ସୂର୍ଯ୍ୟର
ଦୀପ୍ତିମୟ କମନୀୟ କାନ୍ତି ।

■●■

Digital Copy from the Author

ପ୍ରତୀକ୍ଷା

ଅଳସେଇ ପୃଥିବୀ କୋଳରେ
କ୍ଲାନ୍ତ ଆକାଶଟା ଢ଼ୁଳେଇ ପଡ଼ିଛି
ଶୀତୁଆ ପବନଟା ଆସେ ସ୍ୱପ୍ନ ରଚି
ଭିଜା ମାଟି ପରେ ।
ଅନ୍ଧାରଟା ଖୁବ୍ ଭଲଲାଗେ
ଭାବିବାକୁ ଇଚ୍ଛା ହୁଏ ଅତୀତକୁ
ନିରୋଳାରେ ଖୁବ୍ ଏକାନ୍ତରେ
ପ୍ରତୀକ୍ଷାର ନିର୍ଜନ ପ୍ରହରେ
ମୁଁ ଦେଖୁଛି ମୋ' ପ୍ରତିବିମ୍ବ
ସତେ କ'ଣ ମୁଁ ଯାଇଛି ବଦଳି ।
ଘଣ୍ଟାର କଣ୍ଟା ପରି ସବୁଥିଲା ଠିକ୍‌ଠାକ୍
ପ୍ରତୀକ୍ଷା ଯେ କେତେ କଷ୍ଟ
କେତେ ଯେ ବିରକ୍ତି ।
ଅସରନ୍ତି ସମୟକୁ ହତ୍ୟା କରି
ଚପିଗଲେ କ'ଣ କେବେ ମିଳେ ମୁକ୍ତି ?
ତା' ସହ ସମ୍ପର୍କ ବା
ନିହାତି ନିବିଡ଼
ମୁଁ ଚାହେ ସେ ସୁଖେ ରହୁ
ମୋ' କଥା ଭୁଲିଯାଉ
ତା'ର ପଥ କୁସୁମିତ ହେଉ
ତା' ଘରେ ମଳୟ ବହୁ
ଗୋଲାପର ବାସ୍ନା ଛୁଟୁ
ମୋ' ପରି ସେ କାହାର
ପ୍ରତୀକ୍ଷା ନକରୁ ।

Digital Copy from the Author

ବଧୂ ସର୍ବଂସହା

ଷୋଡ଼ଶୀ ନାୟିକା
ଡେଉଁଥିଲା ଚୋରା ବାଲିଧାରେ
ଝାଉଁବଣ ଶିରିଶିରି ସ୍ୱର
ତୋଳୁଥିଲା କେତେ ବେସୁରା ସଙ୍ଗୀତ
ବେଳାଭୂମେ ଆଙ୍କୁଥିଲା କେତେ ଚିତ୍ର
ବର୍ତ୍ତମାନ ଆଉ ଭବିଷ୍ୟର
ତା' ମନେ ଭରା ସାଗରର ଗମ୍ଭୀରତା
ଆକାଶର ଉଦାରତା
ମାଟି ପରି ସେ ସର୍ବଂସହା
ସକାଳର ସୂର୍ଯ୍ୟ ପରି ନିହାତି ନିରୀହ
ମନୋଈଟାଏ ସିଏ ନିହାତି ଅବୁଝା ।
ମନତଳେ ଅସୁମାରି ସ୍ୱପ୍ନ
ରଙ୍ଗିନ କଳ୍ପନା
କେବେ ସେ ସାଜିବ ଚନ୍ଦନ ଆଉ
ସିନ୍ଦୂର ଟୋପାରେ
ଝିଲମିଲ୍ ଓଢ଼ଣା ତଳୁ
କେତେ ସ୍ୱପ୍ନ ତାକ୍ ଗଢ଼ୁଥିବ
ଦେଖୁଥିବ ତା' ମନର ମଣିଷକୁ !
ତା' ମନ ଆଇନାରେ
ତନ୍ଦ୍ରାଭରା ଆଖିତଳେ କେତେ ଯେ ପିପାସା,
ରୁଣୁଝୁଣୁ ପାଦେ ତା'ର କେତେ ଯେ ବେପଥୁ
କୁମାରୀତ୍ୱ ଝାସଦେଇ ବଙ୍ଗୋପସାଗରେ
ସେ ହେବ ବଧୂ ସର୍ବଂସହା ।

■●■

Digital Copy from the Author

ଅଢ଼େଇ ଅକ୍ଷର

ଅନ୍ଧାରିଆ ବର୍ଷାଭିଜା ରାତିଟା
ଭଲଲାଗେ, ଭାରି ଭଲଲାଗେ,
ରିମ୍‌ଝିମ୍ ସ୍ୱର ନେଇ ସେ ଗାଉଛି ଗୀତ
ଶିରିଶିରି ପବନ, ଛୁଇଁ ଯାଏ ମନପ୍ରାଣ
କାନେକାନେ କହିଯାଏ କେତେ କଥା
କେତେ ବ୍ୟଥା
ଆକାଶଟା ସତେ ଘୁମେଇ ପଡ଼େ
କେବେ ତ ଶୁଏନା
ସେ ଖୁବ୍ ଉଦାସ ଖୁବ୍ ଗମ୍ଭୀର
ନଦୀ କୁଳୁକୁଳୁ ସ୍ୱର ନେଇ
ବହିଯାଏ ଆକାଶକୁ ଚାହିଁଚାହିଁ
ସେଇ ତା'ର ସ୍ୱର୍ଗୀୟ ଆନନ୍ଦ
ଫୁଲ ଫୁଟେ ବାସ ବହଟାଇ
ଭ୍ରମରକୁ ନିମନ୍ତ୍ରଣ କରେ
ପଦ୍ମିନୀ ରହିଥାଏ ସୂର୍ଯ୍ୟକୁ ଚାହିଁ
ନୀଳକଇଁ ଝୁରେ ଚନ୍ଦ୍ର ପାଇଁ
ମନେ ମୋ' ଅନେକ ପ୍ରଶ୍ନ ଉଠେ
ଏସବୁ କାହିଁକି ହୁଏ ? କିପରି ହୁଏ ?
କିଏ ଦେବା ଏ ସବୁ ଉତ୍ତର
ତା' ଉତ୍ତର ଅଢ଼େଇ ଅକ୍ଷର ।

■●■

Digital Copy from the Author

ତିନିଟି ଆତ୍ମା

ବର୍ଷାଭିଜା ରାତ୍ରିର ନିଶବ୍ଦ ପ୍ରହରେ
ତିନିଟି ଆତ୍ମା ଏକାକାର
ଝିପଝିପ୍ ବର୍ଷାରେ
ଭିଜାଇ ଅଙ୍ଗଲତା
ଡେଉଁଥିଲେ ଏ ପାଖ ଲନ୍‌ରେ
ବେଦମ୍ ହସୁଥିଲେ, ନାଚୁଥିଲେ
ଆକାଶର ମେଘୁଆ
ଅସ୍ପଷ୍ଟ ଜହ୍ନଟି
ରଚୁଥିଲା କେତେ ସ୍ୱପ୍ନ
ମୁକ୍ତ ହେବାପାଇଁ ବାଦଲର
ବାହୁ ବନ୍ଧନରୁ ।
ମୁକ୍ତ ବିହଙ୍ଗୀ ସେମାନେ
ନିଦୁଆ ଆଖି ପତାତଳେ
ଆଙ୍କୁଥିଲେ କେତେ ଚିତ୍ର
ବିରହ ଓ ବେଦନାର
ମନତଳେ କେତେ ଆଶା
କାଲି ହେବେ ରାଜା ରାଣୀ
ମନେ ଉଠେ କେତେ ପ୍ରଶ୍ନବାଚୀ
ସୃଷ୍ଟି ସ୍ଥିତି ଲୟ ନେଇ
ଭାବନାର ସୂତାଖିଅ
ଅଡୁଆ ତଡୁଆ ହୁଏ
ସେମାନେ କେତେ କ୍ଳାନ୍ତ
କେତେ ଅବସନ୍ନ
ତିନିଟି ନିଶ୍ୱାସ ଭାସିଆସେ
ଏକସ୍ୱର ନେଇ
ସମ୍ପର୍କଟା ନିହାତି ନିବିଡ଼ ।

■●■

Digital Copy from the Author

ମୁଁ

କବି ମୁଁ
ଆଖିର ଲୁହରେ କବିତା ମୁଁ ଲେଖେ ।
ହୃଦୟର ଭାଷା ମୋ' ଅନେକ
ଯୁଗ ଯୁଗର ଅତୃପ୍ତ ବାସନା
ଅକୁହା ଭାବନା
ଫୁଟିଉଠେ ମୋ' ଲେଖନୀରେ ।
କଳ୍ପନାର ରଙ୍ଗ ବୋଳି
ସୁନ୍ଦରୀ ସାଜେ ମୋ' କବିତା,
ତୁମେ କୁହ ଛଏ ଖାଲି
ଖିଆଲି ମନର ଭାବ ପ୍ରବଣତା ।
ଶିଳ୍ପୀ ମୁଁ
ଜୀବନର ସାଦା କାଗଜରେ
କେତେ ଚିତ୍ର ଆଙ୍କେ ରଙ୍ଗହୀନ ତୂଳୀଧରି
କେତେ ବ୍ୟଥା କେତେ ବେଦନାର
ମୋ' ଚିତ୍ର ଦେଖି ବିରହ ଓ ଯନ୍ତ୍ରଣାର
ବାଦଲର ଫାଙ୍କେ ରହି
ତମେ ଖାଲି ଫିକ୍ କରି ହସିଦିଅ ।
ପ୍ରକୃତି ପୂଜାରିଣୀ ମୁଁ
ପ୍ରକୃତି ମୋ' ଚିର ସାଥୀ
ତା' ଜହ୍ନ, ଆକାଶ, ସବୁଜିମା
ଝିପ୍‌ଝିପ୍ ବର୍ଷା, ନଦୀ, ଝରଣା
ସବୁ ମୋତେ ପାଗଳ କରେ
ତା' କୋଳରେ ରହି ଭୁଲେ ମୁଁ
ଯେତେଯେତେ ଦୁଃଖ, ଯେତେ ହାହାକାର
ଜୀବନର ଲକ୍ଷ୍ୟ ମୋର
ପୂଜିଚି ମୁଁ ସଦା ତା'ପୟର ।

■●■

Digital Copy from the Author

ଭୁଲିଛି ନିଜକୁ

ସେ କେଉଁ ଏକ ଦୁର୍ବଳ ମୁହୂର୍ତ୍ତ
ତୁମ ସହ ସଂପର୍କଟା ନିହାତି ନିବିଡ଼
ସେଦିନ ତୁମେ ଥିଲ ମୋ' ପାଖେ
ଶାନ୍ତ ଆଉ ସରଳ ସକାଳ
ମୁଁ ଥିଲି ତୁମ ପାଖେ
କ୍ଳାନ୍ତ ଆଉ ମଇଳା ଗୋଧୂଳି
ଚୁନାଚୁନା ନରମ ହସରେ ତୁମ
ଲୁଚିଥିଲା କେତେ ସରଳତା
ମନତଳେ ଭରିଥିଲା କେତେ ମାଦକତା
ଟୋପାଟୋପା ଲୁହତଳେ ତୁମ
ଲୁଚିଥିଲା ଅକୁହା ଅକୁହା କଥା
ତୁମ ଶାନ୍ତ ନିରୀହ ମୁହଁ
ମୋତେ ଅନମନା କଲା
ତୁମ ଲୁହ ଟୋପାରେ
ମୁଁ ନିଜକୁ ଦେଖିଲି
ହଜାଇ ଦେଲି, ଭୁଲିଗଲି
ମୋର ମୁଁ ପଣ ।

■●■

Digital Copy from the Author

ଆକାଶ ସାଗର

ଆକାଶ ଆଉ ସାଗର
ପରସ୍ପର ଖୁବ୍ ଆପଣାର
ସାଗର ସ୍ନେହର ଢେଉରେ
ଉବୁଟୁବୁ ସବୁ ସମୟରେ
ଆକାଶ ଖୁବ୍ ଉଦାସ, ଗମ୍ଭୀର
ନିଜକୁ ହସାଏ ଅନେକଥର
ଚନ୍ଦ୍ର ସୂର୍ଯ୍ୟ, ଭସା ବାଦଲ ମେଳରେ
ସାଗର, ଆକାଶକୁ ଧରି ରଙ୍ଗେ
ତା' କୋଳରେ ସବୁ ସମୟରେ
ତା' ଦୁଃଖରେ ହସେ ଆଉ କାନ୍ଦେ
ହେଲେ ଆକାଶ ?
କେବେ ବୁଝେନା ସାଗରର ମନକଥା
କାହିଁକି ସେ ଉତ୍ତଳ ଉଚ୍ଛଳ ହୋଇ
ମଥାପିଟି କାନ୍ଦେ
କେବେ କୋଳେଇ ନିଏନି
ସାଗରକୁ ତା' ପ୍ରଶାନ୍ତ ବକ୍ଷରେ
ଆକାଶ ସତରେ ନିହାତି ନିଷ୍ଠୁର ।

■●■

Digital Copy from the Author

ନିର୍ଜନତା

ନିରବ, ନିର୍ଜନ, ନିଶବ୍ଦ
ପତ୍ରଟିଏ ପଡ଼ିଲେ କୁଲାଟିଏ ପରି ଶୁଭେ
ଶୂନ୍ୟ ମହାଶୂନ୍ୟ
ଆଗରେ ଥୁଣ୍ଟାଗଛ
ଉଦାସ ଖୁବ୍ ଉଦାସ
ଶ୍ୱାସରୁଦ୍ଧ ମୁଁ
ଅଭିମାନେ ଜଳିଜଳି
ମୁଁ ହୁଏ ମୁଠାଏ ପାଉଁଶ ।
ମୋ' ଛାଇ ସହ ମୁଁ କଥାହୁଏ
ସେ କଥା ଅଡୁଆତଡୁଆ
ବୁଢ଼ୀଆଣୀ ଜାଲ ପରି
ଦୁନିଆଁ ତ ନିହାତି ନିଠୁର
ସବୁ ଜାଣି ଶୁଦ୍ଧା ଆଶା ରଖେ
ଭରସା ବି ରଖେ
ହତାଶ ହୋଇ ଲେଖନୀ ମୋର
ଗୁମୁରିଗୁମୁରି କାନ୍ଦେ
ଯନ୍ତ୍ରଣା ମୋ' ବଢ଼ିଯାଏ
ଚକ୍ରବୃଦ୍ଧି ସୁଧର ହାରରେ ।

■●■

Digital Copy from the Author

ପ୍ରକୃତି ଓ ମୁଁ

ତୁମେ ସାଗର
ଅନେକ ନଦୀର
ସ୍ଥାନ ଦିଅ ସେମାନଙ୍କୁ
ତୁମର ସେ ପ୍ରଶାନ୍ତ ବକ୍ଷରେ
ପାରିନି ମୁଁ ଦେଖି ସେ ତଟିନୀଙ୍କ ରଙ୍ଗ
ତୁମ ରଙ୍ଗ ନେଇ ସବୁ ଏକାକାର
ଏକ ଲକ୍ଷ୍ୟ ନେଇ
ତୁମ ବେଳା ଭୂମେ କେତେ ପଦଚିହ୍ନ
ଅତୀତ, ବର୍ତ୍ତମାନ ଆଉ ଭବିଷ୍ୟର
କବି ମୁଁ ଭାବିଛି ଅନେକ
ମନେ ମୋ' ଉତ୍ସାହ ଢେଉପିଟେ
ତଥାପି ତ ସେ ପାଦ ଚିହ୍ନ
ପାରିନାହିଁ ଚିହ୍ନି
ସତରେ ତୁମେ ଖୁବ୍ ଉଦାସ
ଖୁବ୍ ଗମ୍ଭୀର
ହୃଦୟର ଗଭୀରତ ଅଥଳ ଅତାଳ

Digital Copy from the Author

ତୁମେ ପ୍ରଜାପତି
ଅନେକ ଫୁଲର
ଏ ଫୁଲରୁ ମଧୁ ଶୋଷି
ସେ ଫୁଲକୁ ଉଡ଼ିଯାଅ
ଲୁଟିନେଇ ତା'ର ସବୁକିଛି
ସତରେ ତୁମେ ଖୁବ୍ ଅବିଶ୍ୱାସୀ ।
କଳ୍ପନା ବିଳାସୀ ମୁଁ
ପାରିନାହିଁ ସେ ପ୍ରେମକୁ ବୁଝି ।

ତୁମେ ଯେ ଆକାଶ
ଅନେକ ତାରାର
ନିଜକୁ ସଜାଅ ସେ ଜ୍ୟୋତିରେ
ରାତ୍ରିର ନିର୍ଜନ ପ୍ରହରେ
ଉଷା ଆଗମନେ
ପୋଛି ଦେଇ ସେମାନଙ୍କୁ
ତୁମ ନୀଳ ବକ୍ଷରୁ
ତୁମେ ସାଜ ପ୍ରଶାନ୍ତ, ଗମ୍ଭୀର ସନ୍ୟାସୀ
ସତରେ ତୁମେ ନିହାତି ଛନ୍ଦମୀ
ଭାରି ଅବିଶ୍ୱାସୀ
ଖିଆଲି ମନେ ମୁଁ
ମୁଠାମୁଠା ସ୍ମୃତି ଧରି
ଚେଷ୍ଟା କରିଛି ତୁମକୁ ବୁଝିବାକୁ
ପାରିନି ମୁଁ ବୁଝି ।
ତେଣୁ ମୁଁ ମଣିଷ
ତୁମେ ପ୍ରକୃତି ।

■●■

Digital Copy from the Author

ସବୁଜ ପୃଥିବୀ

ମୁଁ ଫେରୁଛି
ମୋ' ସବୁଜ ପୃଥିବୀକୁ
ଇଟା, କଂକ୍ରିଟ୍, ଧୂଳିଧୂଆଁର ସହରକୁ
ପଛରେ ପକାଇ ।
କ୍ଳାନ୍ତ ଜୀବନ ଆଉ ଭୋକିଲା ଚାହାଣି
ଖୋଜୁଥିଲା ଟିକିଏ ଶାନ୍ତି ଆଉ ଟେନାଏ ମମତା ।
ଶରତର ଗୋଧୂଳି ଆକାଶ ତଳେ
ମୁଁ ଏକ ମୁକ୍ତ ବିହଙ୍ଗୀ
ରକ୍ତିମ ସୂର୍ଯ୍ୟଟା ରଂଗିନ୍
କରୁଥିଲା ମୋତେ ତା ରଂଗର
ମୁଁ ଚାଲୁଥିଲି ଧୂଳିଆ ଶଗଡ଼ସରିରେ
ସବୁଜ ଧାନକ୍ଷେତ ଧାରେଧାରେ
ତା'ର ବାସ୍ନା ପିଇପିଇ !
ମୁଁ ଚାଲୁଛି
ସବୁଜିମା, ମମତା ଭରା
ମୋ' ଗାଁ' ଆଡ଼େ
ଯେତେ କ୍ଳାନ୍ତି, ଯେତେ ଅବସାଦ
ହଜାଇ ମୋ' ଗାଁ' ମୁଣ୍ଡ
ବରଗଛ ମୂଳେ ।

■●■

Digital Copy from the Author

ହସଲୁହର ତାଜ୍

ନିଘଞ୍ଚ ଝଡ଼
ସେ ଝଡ଼ର ନିରବତାରେ
ଆମେ ଏକାଠି ହେଲୁ ।
ପହିଲି ଆଷାଢ଼ର
ଭିଜାମାଟି ବାସ୍ନା
ଆମକୁ ବାଉଳା କଲା ।
ଶରତର ଇନ୍ଦ୍ର
ଉଉଳା କଲା ଆମକୁ ।
ତା' ଲୁହ ଦେଇ
ସେ ମୋତେ ନିଜର କଲା ।
ତା' ଲୁହ ପିଇପିଇ
ତା' ଓଠରେ ଭରିଲି
ହସର ଜୁଆର ।
ହସ ଆଉ ଲୁହରେ
ଆମେ ଗଢ଼ିଲୁ
ଭଲ ପାଇବାର ତାଜ୍
ଆମେ ଶାହାଜାହାନ ଆଉ ମମତାଜ୍ ।

■●■

Digital Copy from the Author

ଦୁର୍ବଳତା

ରାଜରାସ୍ତାରେ ଚାଲୁଚାଲୁ
ତୁମକୁ ଦେଖେ
ମୋ' ମନ ଆଇନାରେ
ଅନୁଭବେ ତୁମକୁ
ମୋର ସ୍ନାୟୁର ସହରେ ।
ପ୍ରଦର୍ଶନୀ ବାଙ୍କି ନେଳି ଆଲୁଅରେ
ତୁମ ହସ ଖୋଜେ
ଓଡ଼ିଶାର ଶିଳାଲିପି ଦେହେ
ତୁମକୁ ମୁଁ ଦେଖେ ।
ତୁମକୁ ଦେଖେ ସଭା ମଣ୍ଡପରେ
ତୁମ କଥା ଶୁଣେ ବକ୍ତାଙ୍କ ବକ୍ତବ୍ୟରେ
ତୁମକୁ ଖୋଜିଖୋଜି ଚାଲିଛି ହିଁ ଚାଲିଛି
ଜୀବନଟା ଝରିଝରି ଝରିଗଲା
ତୁମ ପାଇଁ
ତୁମେ କୁହ ଏସବୁ
ତୁମର ଦୁର୍ବଳତା ।

■●■

Digital Copy from the Author

ସ୍ମୃତି

ମୋ' ମନ ଆଲବମ୍‌ରେ
ଅନେକ ସ୍ମୃତିର ଫଟୋଗ୍ରାଫ୍
ମୋ' ହୃଦୟ ଟେପ୍‌ରେକର୍ଡ୍ ଝଙ୍କୃତ ।
ତୁମ ଗୀତ ସୁର ନେଇ
ତୁମ ସ୍ମୃତି, ନୀଳ ଆକାଶ ଛାତିରେ
ରକେଟ୍ ଛାଡ଼ି ଯାଇଥିବା ଧୂଆଁ
ସେ ସୁରଟା ବିରହ ଯନ୍ତ୍ରଣା
ସ୍ମୃତିକୁ ସ୍ୱାଗତ କରୁଛି
ମୋ' ଲୁହର ଉପହାର ଦେଇ ।
ତୁମେ କିନ୍ତୁ

Digital Copy from the Author

ଭୁଲିଗଲ ଏ ମାଟିକୁ
ଭୁଲିଗଲ ତୁମ ମନ ଆକାଶର
ସୁନେଲି ଜହ୍ନକୁ ।
ସତେ ଅବା ତୁମ ପୃଥିବୀର
ମୁଁ ଏକ ପରିତ୍ୟକ୍ତ
ଦିଗ୍‌ବଳୟ ।
ତୁମ ବିନା ସବୁ ଶୂନ୍‌ଶାନ୍ ।
ଥୁଣ୍ଟାଗଛଟିରେ
କପୋତୀଟା ବାହୁନି ଉଠୁଛି
ବେଦନାର ରଙ୍ଗ ବୋଳି
ରାତ୍ରୀଟା ଘୁମେଇ ପଡିଛି
ଖୁବ୍ ଅସହାୟ ହୋଇ ।
ଅମାନିଆ ମନ ନେଇ
ଲୁଚିଗଲ କେଉଁ ଟିକ୍‌ମିକ୍
ସହରୀ ଆଲୁଅରେ
କେଉଁ ଦ୍ୱିତଳ ପ୍ରାସାଦରେ
କେଉଁ ରୂପସୀର ପଣତ ଉହାଡ଼େ ।

ଏ ମାଟିର ମଣିଷକୁ ଭୁଲିଗଲ
ଏ ଜହ୍ନ, ଏ କପୋତୀ
ଝୁରୁଛନ୍ତି ତୁମ ପାଇଁ ।
ତୁମ ରଙ୍ଗିନ୍ ପ୍ରାସାଦର ଆଢୁଆଳେ ରହି
ପାଉଛନ୍ତି ଆତ୍ମତୃପ୍ତି
ଶୁଣି ତୁମ ଖିଲିଖିଲି ହସ ଆଉ
ଚୁପି ଚୁପି କଥା
ରାତ୍ରିର ନିର୍ଜନ ପ୍ରହରେ ।

■●■

Digital Copy from the Author

ମନ ପରିଧି

ଅଭିମାନୀ ମୋର
ଅଝଟିଆ ହୋଇ ଚାଲିଗଲ ଦୂରେ
ମୋ' ଆଖିର ଦିଗ୍‌ବଳୟ ଡେଇଁ ।
ହେଲେ ପାରିନାହଁ
ମୋ' ମନ ପରିଧି ଡେଇଁ
ମୋ' ହୃଦୟ କାରାଗାରେ
ବନ୍ଦୀ ଥିଲ ତୁମେ
ମନ ଚୋର ରୂପେ ଧରାପଡ଼ି ।
ଭାବିଥିଲି ସମସ୍ତଙ୍କୁ ଠକିଦେଇ
ପାରିବନି ଠକି ତୁମେ
ମୋ' ଦୁଲ ନିଷ୍କ୍ରିୟ ଆଖିକୁ,
ରଜନୀର ତନ୍ଦ୍ରା ଓଢ଼ଣି
ଚାହିଁଛି ମୁଁ ଜଗୁଆଳୀ ହୋଇ
ମୋ' ଆଖି ଆଢୁଆଳେ ଚାଲିଗଲ
ଖୋଇଦେଇ ନିଦ ବଟିକା
ମୋ' ମନ କାରାଗାରୁ ମୁକ୍ତ ହୋଇ
ବନ୍ଦୀ ହେଲ ଯାଇ କେଉଁ
ସୁନା ପଞ୍ଜୁରୀରେ ।
ଜହ୍ନୁଳ ସେ ଶିଖାଇଥିବା
କଥା କେତେ ପଦ
ଉଠ ବସ ହେଉଛ ତାଙ୍କ ନିର୍ଦ୍ଦେଶରେ
ତୁମେ ଭାବୁଛ ତୁମେ ଜିତିଯାଇଛ ମୋତେ
ହେଲେ ମୁଁ କହିବି
ତୁମେ ହାରି ଯାଇଛ
ଶୋଚନୀୟ ରଙ୍ଗେ
ତେଣୁ ତୁମେ ପାରିନାହଁ କମି
ମୋ' ଭାବନା ସୀମାରେଖା, ମୋ' ମନ ପରିଧି ।

■●■

Digital Copy from the Author

ଆତ୍ମତୃପ୍ତି

ସେଦିନ ତୁମକୁ ଭେଟିଥିଲି
ସକାଳର ଭିଜା ଘାସପରେ
ଆକାଶ ମୁହଁ ଲଦିଥିଲା
ଅଭିମାନ ଜ୍ୱଳନ ଭିତରେ ।
କୃଷ୍ଣଚୂଡ଼ା ଗଛରେ
ଗୋଟିଏ ଫୁଲଥିଲା
ଆଉ ସବୁ ଆତ୍ମହତ୍ୟା କରିଥିଲେ
ହତାଶ ପ୍ରେମିକ ପରି ।
ତୁମେ ଆସିଲ
ଭଲ ପାଇବାର ପାହାଚରେ
ପାଦ ଥାପି ଥାପି
ଏଇ କୃଷ୍ଣଚୂଡ଼ା ମୂଳକୁ ।
ସେ ଛାଇରେ ଆମେ
ଏକାଠି ହେଲେ
ମୋତେ ଚିହ୍ନିବା ପୂର୍ବରୁ ତୁମେ
ଲୁଚିଗଲ କେଉଁ ଝାଉଁବଣ
ସାଇଁ ସାଇଁ ଶବ୍ଦ ଲହରୀରେ ।
ଖୋଜିଲି କେତେ
ରାସ୍ତାଘାଟ, ବେଳାଭୂମି
ସାରା ପୃଥିବୀରେ ।
ଆଶା ମୋ' ହଜିଲା
ସମୁଦ୍ରର ଅତଳ ଗର୍ଭରେ ।
ତଥାପି ହଜାଇ ଖୋଜିବାର
ମୁଁ ପାଇଲି କିଛିଟା ଆନନ୍ଦ
ଟିକିଏ ଆତ୍ମତୃପ୍ତି ।

■●■

Digital Copy from the Author

ଆମେ ଦୁହେଁ

ଆମେ ଦୁହେଁ
ନୀଳ ଆକାଶ ଛାତିରେ
ଦୁଇଟି ଜ୍ୟୋତିଷ୍କ
ପରସ୍ପର ଖୁବ୍ ଆପଣାର
ଘୂରୁ ଘୂରୁ ଆମେ ହୋଇବୁ
ପରସ୍ପର ନିକଟତର ।
ଆମେ ଦୁହେଁ
ସାଗରର ଉତ୍ତାଳ ଢେଉର
ଦୁଇଟି ନାବିକ
ଗୋଟିଏ ନାବର ।
ଢେଉ କାଟିକାଟି ଆମେ ଚାଲୁ
ତୋଳି କେତେ ସଙ୍ଗୀତ ଝଙ୍କାର ।
ଆମେ ଦୁହେଁ
ବଗିଚାର ଦୁଇଟି ଦରଫୁଟା କଳୀ
ଗୋଟିଏ ବୃନ୍ତର
ସମୀର ଇଙ୍ଗିତେ ଆମେ ନାଚୁ
ସୃଷ୍ଟି କରି ହସର ଜୁଆର ।
ଆମେ ହସୁ
ଆମେ କାନ୍ଦୁ
ଆମକୁ ନେଇ
ଆମେ ଏକାକାର
ଏକ ଲକ୍ଷ୍ୟ ନେଇ
ସମ୍ପର୍କଟା ଆମ ନିହାତି ମଧୁର ।

■●■

Digital Copy from the Author

ନଦୀ ସାଗର

ହୃଦୟ କନ୍ଦରୁ
ଝରିଝରି ଆସେ
ସ୍ନେହ ସ୍ରୋତସ୍ୱିନୀ,
ଦୁଃଖ ଶିଳା ତଳପରେ
ଲୋଟାଇ ତା' ତନୁଲତା
ବହିଚାଲେ ହସିହସି,
ମାନେନା ସେ ବାଧାବିଘ୍ନ
ସମାଜର ଅବା କାହାର
ଭାସିଯାଏ କେତେ ପରିହାସ
କୁଟାଖିଅଟିଏ ହୋଇ ।
ସବୁ ବାଧା ବନ୍ଧନକୁ କାଟି
ବହିଯାଏ କୁଳୁକୁଳୁ ହୋଇ
ସାଗରେ ମିଶିବା ପାଇଁ
ସାଗରେ ମିଶିବା ପାଇଁ ।

■●■

Digital Copy from the Author

ଛିନ୍ନ ପୃଥିବୀ

ପୃଥିବୀ ମୁଁ
ମୁଁ ଝୁଲୁଛି ଶୂନ୍ୟରେ
କେଉଁ କାଳୁ
ସୂର୍ଯ୍ୟର ଚାରିପଟେ
ଘୂରି ଘୂରି
ମସ୍ତିଷ୍କ ମୋ' ବିଭ୍ରାନ୍ତ ହେଲାଣି
ହତାଶାର ବାୟୁ ପ୍ରବାହିତ
ମୋ' ଶିରା ପ୍ରଶିରାରେ
ମୋ' ହୃଦରେ ସୃଷ୍ଟି ଆଜି
ଅନେକ ସାଗର,
ମହାକାଶର ଆକର୍ଷଣ ଛିନ୍ନ କରି
ମୁଁ ହେବି ଛିନ୍ନ ପୃଥିବୀ
ନଥିବ ସେଠି ଯାନ୍ତ୍ରିକଯାନର
ବିକଟ ଚିତ୍କାର,
ଅବା ଛଦ୍ମୀମାନଙ୍କ ଭିଡ଼
ନଥିବ ସେଠି ପ୍ରତାରଣା
ସ୍ନେହ ବା ମମତା
ସବୁକିଛି ଶୂନ୍ୟରେ ନିକ୍ଷେପି
ମୁଁ ହେବି ନିର୍ବିକାର ।
ମୁଁ ଶୁଣିବି କେବଳ ମୋ'
ନିଜସ୍ୱ ସଂଳାପ ।

■●■

Digital Copy from the Author

ବଞ୍ଚିବି ନିଷ୍ଚୟ

ମୁଁ ବଞ୍ଚିବି
କୃଷ୍ଣଚୂଡ଼ା ପରି
ଖରାରେ ସିଝିସିଝି
ଆହୁରି ସୁନ୍ଦର, ସତେଜ
ଲାଲ୍ ଟକ୍ ଟକ୍ ହୋଇ ।

ଝୁରି ଝୁରି ଝରିବିନି
ଝରା ଶେଫାଳି ପରି
ଝାଉଁଳି ପଡ଼ିବିନି
ସଜସଜ ଲାଜକୁଳି ପରି
ଅତୀତକୁ ଟୁକୁଡ଼ା ଟୁକୁଡ଼ା କରି
ଫିଙ୍ଗିଦେବି
ବଙ୍ଗୋପସାଗର ଅବା
ବୈକାଳ ହ୍ରଦକୁ
ଦରଦୀ ମନକୁ ଦେବି
ସାଗରେ ଭସେଇ ।
ମୋ' କ୍ଷତାକ୍ତ ହୃଦୟକୁ ବିଶଲ୍ୟକରଣୀରେ
ନିଜେ ଦେବି ମୁଁ ଶୁଖେଇ

Digital Copy from the Author

ଆଶା କରିବନି କିଛି
ଏ ଅକୃତଜ୍ଞ ସମ୍ପର୍କମାନଙ୍କଠୁ
ଚାହିଁବନି, ଡରିବନି ସେ ନାଲିଆଖି
ଆଉ ବିକୃତ ମୁହଁକୁ
ମୋ' ଦୁର୍ବଳତାର ସୁଯୋଗ ନେଇ
ଡରାଉଥିବା ମଣିଷମାନଙ୍କୁ
ବର୍ତ୍ତମାନ ମୋ' ବଉହଦିରେ
ବୁଲୁଥିବା ଚରିତ୍ର, ଘଟଣା,
ଛଳନା, ପ୍ରତାରଣା
ଝାଡ଼ି ସଫା କରିଦେବି ।
ଝୁରୁଥିବା ମନଟିକୁ ଟାଣ କରିଦେବି
ମୁଗୁନି ପଥର ପରି ।
ଭବିଷ୍ୟତର ଅଦେଖା ସ୍ୱପ୍ନରେ
ବିଭୋର ହେବିନି ।
ମନଖୋଲି କହିଦେବି
ମୋ' ମନର କଥା ସବୁ
ଯିଏ ଭଲ ଭାବୁ ବା ନଭାବୁ
ଯାଏ ଆସେ ନାହିଁ
କବିତା ଲେଖି ବିରିବିନି ମୁଁ
ପ୍ରକାଶ କରିଦେବି ସବୁ
ମନଭରି ଗାଇବି ମୁଁ
ମନଫୁଲାଣିଆ ଗୀତ
ମନ ଇସାରାରେ ନାଚିବି ମୁଁ ନାଚ
ମନ ମର୍ଜିରେ ବଞ୍ଚିବି ମୁଁ
ତେବେ ମୁଁ ବଞ୍ଚିବି ନିଶ୍ଚୟ
ବଞ୍ଚିବି ନିଶ୍ଚୟ
ଏବେଠୁ ଏଇ ମୁହୂର୍ତ୍ତରୁ ।

■●■

Digital Copy from the Author

ଚିଠି

ଚିଠି ରେ ! ମୋତେ ଜୀବନ
ଯୋଗାଉ ତୁ, ମୋର
ବଞ୍ଚିବାର ଯେତେ ଉପାଦାନ ।
ନିର୍ଜନ ଏ ବେଳାଭୂମେ
ତୁ ମୋହର ସାଥୀ,
ତୋ' ବିନା କିଏ ବା ବୁଝିବ ମୋ' ମତି ।
ଅନ୍ତରର ଭାଷା ଯାହା
ଅନ୍ୟେ ପାରିନାହିଁ କହି
ତୋ' ନିକଟେ ସବୁ ଭାଷା ଦେଇଛି ଅଜାଡ଼ି ।
ସବୁ ବ୍ୟଥା ସବୁ ମାନ,
ଅଭିମାନ ଶୁଣିଛୁ ତୁ ମୋର
ସାନ୍ତ୍ୱନା ଦେଇଛୁ ତୁ ପୋଛି ଦେଇ ଲୁହ ମୋର
ଅନେକ ଚୁମ୍ବନ ଦେଇ ପଠାଏ
ମୁଁ କେତେ ଯେ ଦୂରକୁ
ସେଦିନୁ ସତୃଷ୍ଣ ନୟନେ ଚାହିଁଥାଏ
ତୋ' ଫେରିବା ବାଟକୁ
କିଏ କହେ ତୁ ଖଣ୍ଡେ ନିର୍ଜୀବ କାଗଜ
କିପରି ତୁ ଦେଇପାରୁ ମୋ' ପ୍ରଶ୍ନର ଉତ୍ତର
କିପରି ତୁ ପୋଛିଦେଉ ମୋ' ସନ୍ତାପ ସକଳ
ମଣିଷ ହୋଇବି ପାରୁନାହିଁ ଦେଖି
ମୋ' ପ୍ରିୟଜନଙ୍କୁ
ତୁ କିନ୍ତୁ ସହଜରେ ଯାଇଥିଲୁ ଦୂର ବିଦେଶକୁ ।
ଚିଠି ରେ ! ତୁ ମୋର ନିହାତି ନିଜର
ଜୀବନର ସବୁକିଛି
ପାରିବି ନାହିଁ ମୁଁ କେବେ ତୋ ଋଣ ସୁଝି ।
ପ୍ରଭୁ ପାଦତଳେ ଏତିକି ମୀନତି
ଜନ୍ମଜନ୍ମାନ୍ତର ମୁଁ ହୁଏ ତୋର ଚିଠି ।

■●■

Digital Copy from the Author

ବାପୁ ବାଣୀ

ବାପୁ କହିଥିଲେ
ପଲ୍ଲୀ ଜୀବନ ଭାରତ ଜୀବନ
ଭାରତର ପ୍ରାଣ
ମୋ' ଦେଶର ଗୁଣୀ ଜ୍ଞାନୀ
ପ୍ରାଜ୍ଞ ଯେତେ
ଭାରତ ସନ୍ତାନ
ପଲ୍ଲୀମାଟି ହାତଠାରି ଡାକେ
ଫେରିଯାଅ ଫେରିଯାଅ ପଲ୍ଲୀକୁ ।

ବାପୁ ଗଲେ ଚାଲି
ବାପୁ ଗଲେ ଚାଲି
ସ୍ୱାଧୀନତାର ବହୁ ବର୍ଷପରେ
ପଲ୍ଲୀ ଏବେ ନୀରମାଖୀ ହତଶିରୀ
ବାପୁ ବାଣୀ ଆମେ ଗଲୁ ଭୁଲି
ଆମ ସ୍ୱାର୍ଥ, ଆମ ଅହଂ, ଆମ ଖୁସି
ଜମା ପାରୁନାହିଁ ଭୁଲି ।

■●■

Digital Copy from the Author

ମୂର୍ଚ୍ଛନା

ଦୁନିଆ ମୋହରେ ମୋହିତ ହୋଇ
ଯନ୍ତ୍ରଣାରେ ଦଗ୍ଧ ହେଲାପରେ
ଯେବେ ମୁଁ ଟେକି ଦେଇ ଦୁଇ ହାତ
ଗାଢ଼ ଅନ୍ଧାରରେ ଆଲୋକର ଶିଖାଟିଏ
ତୁମେ ପ୍ରଭୁ ଦେଖାଇଲ ପଥ
ଦିବ୍ୟ ଚେତନାର
ଭରିଦେଲ ମୋ' ମନରେ ଆତ୍ମବିଶ୍ୱାସ ।
ତୁମ ବଂଶୀର ମୂର୍ଚ୍ଛନା
ଲିଭାଇ ଦେଲା ଯେତେ ଅନୁଶୋଚନା
ସ୍ପନ୍ଦିତ ହେଲା କୋଣେ ଅନୁକୋଣେ
ସ୍ୱତଃ ମୁକୁଳିତ ଜୀବନ ଗୁଳ୍ମ ମୋ'
ସମର୍ପିତ ହେଲା ତୁମ ପାଦ ତଳେ ।

■●■

Digital Copy from the Author

ସେଦିନ

ସେଦିନ ମୁଁ ତୁମ କଥା ଭାବୁଥିଲି,
ଖାଲି ତୁମ କଥା,
ତୁମେ ବି ତ ମୋ' କଥା;
ଯେମିତି ଆମର କିଛି ଚିନ୍ତାନାହିଁ,
କିଛି ବି ସମସ୍ୟା ନାହିଁ,
ଦୁହେଁ ଦୁହିଁଙ୍କ ପ୍ରତୀକ୍ଷାରେ
ବିତୁଥିଲା କେତେ ଦିନ କେତେ ରାତି,
ଲୁହରେ ଭିଜୁଥିଲା କେତେ ଯେ ପାହାନ୍ତି ।
ମନରେ, ହୃଦୟରେ, ଘରେ, ବାହାରେ
ଖାଲି ତୁମେ ହିଁ ତୁମେ ।

ଆଜି ବି ଜହ୍ନ ଅଛି, ତାରା ଅଛି
ବର୍ଷା ଅଛି, ଅଛି ବି ଫଗୁଣ,
ନଈ ବି ବହୁଚି ସେମିତି,

Digital Copy from the Author

ଘଣ୍ଟା ଚାଲିଚି ଟିକ୍ ଟିକ୍ ହୋଇ
ସବୁ ଅଛି ଠିକ୍‌ଠାକ୍ ।
କିନ୍ତୁ ତୁମର ? ? ?
ବଦଳିଛି ତୁମ ମନର ରଙ୍ଗ
ହଜାଇଛ ତୁମ ପ୍ରେମ
ସମୟର ସୀମାହୀନ ସାଗରବେଳାରେ ।
ଭାବିଛ କି ଥରେ,
ତୁମେ ଉପହାର ଦେଇଥିବା
ସଂସାରର ବୋଝ ବୋହିବୋହି
ଆଜି ମୁଁ କେତେ କ୍ଳାନ୍ତ, କେତେ ଅବସନ୍ନ;
ସ୍ନେହ, ମମତା, ପ୍ରେମ, ଆନ୍ତରିକତାର ଶବ୍ଦସବୁ
ହଜିଯାଏ ତମ ଅଭିଧାନରେ ।
ତେଲଲୁଣ ସଂସାରରେ ମୁଁ ନିଜକୁ ହଜାଇବା ବେଳେ
ତୁମେ ଉଡୁଚ ବାଂଧା ଚଢ଼େଇ ପରି,
ଚିନ୍ତାଶୂନ୍ୟ, ଭୟଶୂନ୍ୟ ହୋଇ ନିର୍ଦ୍ଵନ୍ଦ୍ଵରେ ମନର ମର୍ଜିରେ
ସୀମାହୀନ ଆକାଶ ବକ୍ଷରେ ।
ଆଶ୍ଚର୍ଯ୍ୟ ଲାଗୁଚି
କେମିତି ତୁମେ ରଙ୍ଗ ବଦଳାଇ ପାରୁଛ
ବହୁରୂପୀ ଏଣ୍ଟୁଅ ଭଳି,
ଏତେ ସହଜରେ
ଜୀବନର କ୍ଳାନ୍ତ ଅପରାହ୍ନେ ।
ମୁଁ କାହିଁକି ଏବେ ବି ଖୋଜୁଛି
ଷୋଳବର୍ଷ ବୟସର
ଫଗୁଣକୁ, ରଙ୍ଗକୁ, ମହକକୁ ?
ମୁଁ କାହିଁକି ଜହ୍ନର ଜୋଛନାକୁ
ଦେହରେ ବୋଳୁଛି,
ହଜାଉଛି ନିଜକୁ ନୀଳ ଆକାଶର
ପ୍ରଶସ୍ତ ଛାତିରେ ? ? ?

■●■

Digital Copy from the Author

ପୂର୍ବାଶା

ପୂର୍ବାଶା !
ତମେ ଆସ
ଅନ୍ଧାର ପୋଛିଦେଇ !
ତମେ ଆସ ସାଗର ଢେଉରେ
ବେଳାଭୂମି ଛୁଇଁ ଛୁଇଁ,
ଦେହ ମନ ସିକ୍ତ କରିଦେଇ ।
ତୁମେ ଆସ ତୋରାମଳୟ ହିଲ୍ଲୋଳେ
ଧରିତ୍ରୀକୁ କୋଳେଇ କୋଳେଇ ।
ତମେ ଆସ ଆମ ଗାଁ' ନଈ ଧାରେଧାରେ
ମନେ ମୋ' ଅନେକ ସ୍ମୃତି ଭରିଦେଇ ।
ତମେ ଆସ ପୂର୍ଣ୍ଣିମାର ଜୋଛନା ସୁଅରେ
ପ୍ରେମର ପୁଆର ଛୁଟାଇ ॥

■●■

Digital Copy from the Author

ଚାହେ ମୁଁ

ଚାହେ ମୁଁ ମିଶିବାକୁ ଜ୍ୟୋସ୍ନାଧୁଆ ଆକାଶ ଛାତିରେ,
ଚାହେ ମୁଁ ଖେଳିବାକୁ ତାରାଙ୍କ ମେଳରେ,
ଚାହେ ମୁଁ ଭିଜିବାକୁ ଶ୍ରାବଣର ଧାରା ବରଷାରେ,
ଚାହେ ମୁଁ ହଜିବାକୁ ସାଗରର ନୀଳ ନୀଳିମାରେ ।
ଚାହେ ମୁଁ ହସିବାକୁ ଫୁଲଙ୍କ ମେଳରେ,
ଚାହେ ମୁଁ କାନ୍ଦିବାକୁ ଅଶିଣର ଜାକର ଟୋପାରେ,
ଚାହେ ମୁଁ ରଙ୍ଗିନ୍ ହେବାକୁ ଫଗୁଣ ଫଗୁରେ
ଚାହେ ମୁଁ ମହକିବାକୁ ମଲ୍ଲୀ ମହକରେ ।
ଚାହେ ମୁଁ ଲୋଟିବାକୁ ଝାଉଁବଣ ଝରାପତରରେ,
ଚାହେ ମୁଁ ଝରିବାକୁ ଝରଣା ଝରରେ,
ଚାହେ ମୁଁ ଭାବିବାକୁ କାଲିଆକୁ ପ୍ରତି ମୁହୂର୍ତ୍ତରେ,
ଚାହେ ମୁଁ ମରିବାକୁ ତୁମରି କୋଳରେ ।

■●■

Digital Copy from the Author

ଅଲିଅଳୀ

କେଉଁ ଏକ ରାଇଜର
ଅଲିଅଳୀ ରାଜକୁମାରୀ ସେ ।
ଜାଣେ ନାହିଁ ଦୁଃଖ କ'ଣ,
ବୁଝି ନାହିଁ କଷ୍ଟ କ'ଣ ।
ସରରେ ଗାଧୋଇ,
ଫୁଲରେ ଶୋଇ
ବିତିଥିଲା ତା' ଜୀବନ
ଜାଣେନି ସେ କଣ୍ଟା କ'ଣ।
ଷୋଳଟି ବସନ୍ତ ବାହୁଡ଼ିଲା ପରେ
ତା' ଜୀବନେ ଆସିଲା ନିଦାଘ,
ଯେଉଁଦିନ ତା' ହାତରେ ଛନ୍ଦା ହେଲା
ଆଉ ଏକ ହାତ ।
ଜଞ୍ଜାଳର ଜ୍ୱଳନରେ ଜଳିଗଲା
ଫୁଲଫୁଟା ତା' କଅଁଳ ମନ,
ସଂସାରର ବୋଝ ବୋହି
ସେ ପାଲଟିଲା କୂର୍ମ,
ସରଳ ନିରିମାଖୀ ସ୍ନେହୀ ମନ ତା'ର
ସ୍ୱାର୍ଥ ଅହମିକାର ଏ ଦୁନିଆ ଚକ୍ରବ୍ୟୂହରେ
ହରାଇଲା ନିଜ ପରିଚୟ ।

■●■

Digital Copy from the Author

ପୁରୁଣା ଠିକଣା

ଆଜିକାଲି ତୁମକୁ ଦେଖିଲେ,
ଲାଗ ଭାରି ଅଚିହ୍ନା ଅଚିହ୍ନା,
ତୁମ ଦେହର ରଙ୍ଗ ବଦଳିଯାଇଛି
ବଦଳିଯାଇଛି ତୁମ ମନର ରଙ୍ଗ ।
ସମୟ ସୁଅରେ ତୁମ ଜୀବନ ନାଆ
ଭାସି ଭାସି ଲାଗିଯାଇଛି ସତେ ଅବା
କେଉଁ ଏକ କୁହୁକ ଦ୍ୱୀପରେ
କାହାର କାଉଁରୀ କାଠିର ସ୍ପର୍ଶରେ
ତୁମେ ମଜିଯାଇଛ, ହଜିଯାଇଛ
କେଉଁ ଏକ ଭିନ୍ନ ଇଲାକାରେ ।
ନୂଆ ନୂଆ ସାଥୀଙ୍କ ମେଳରେ
ଭୁଲିଯାଇଛ ତୁମ ସଂଜ୍ଞା,
ଭୁଲିଯାଇଛ ତୁମ ନାଆଁ ଆଉ
ପୁରୁଣା ଠିକଣା ॥

■●■

Digital Copy from the Author

ନୂଆ ଜୀବନ

ଟିକିଏ ସ୍ନେହ ଟେନାଏ ମମତା ପାଇଁ
ଝୁରୁଥିଲ ଦିନେ
ରୁକ୍ଷଥିଲ ମୁକ୍ଷାମାଟି ଭଣଭଣ ଗମ୍ଭୀରିରେ
ଯାହା ଆକାଶ କଇଁଆ ଥିଲା ତମ ପାଇଁ ଦିନେ ।
ତୁମ ଚଲାପଥରେ ଭରିଥିଲା କଣ୍ଟା, ଖାଲି କଣ୍ଟା
ଖୋଜୁଥିଲ ଫୁଲର ପସରା ।
ସ୍ନେହ ପ୍ରେମ ବିନା
ମରୁମୟ ହୋଇଥିଲା କିଶୋର ଜୀବନ ।
ହୃଦୟଝରା କଥା କେତେ ପଦ
ସତେ ଅବା ଥିଲା ତୁମ ପାଇଁ ଓଏସିସିସ୍ ।
ଏବେ କିନ୍ତୁ
ସ୍ନେହ ପ୍ରେମ ଆବେଗର ଶବ୍ଦସବୁ
ତୁମ ଅଭିଧାନୁ
ଯାଇଛି ଉଭାଇ ।
ଅର୍ଥହୀନ ସବୁ ଆଜି ତୁମପାଇଁ ।
ତୁମେ ଚାହ ବଞ୍ଚିବାକୁ
ତୁମ ମର୍ଜିରେ,
ଆମ ସଂସାର ବାହାରେ
ତୁମ ନୂଆ ଦୁନିଆରେ ।।

■●■

Digital Copy from the Author

ସେଦିନର ଜହ୍ନ

ସେଦିନ ତମ ଆକାଶରେ
ଏଇ ଜହ୍ନ ଝରାଉଥିଲା ରଣିଫୁଲ ଜୋଛନା
ସୃଜୁଥିଲା ତୁମ ମନରେ ଅମୃତର ମାୟା
ହୃଦୟରେ ଅମୃତ ମୂର୍ଚ୍ଛନା ।

ଆଜି ତମେ ତେଇଁ ଚାଲିଛ
ଯଶ ଖ୍ୟାତିର ପାହାଚ ପରେ ପାହାଚ
ଚଢ଼ି ଚାଲିଛ ଶୃଙ୍ଗ ପରେ ଶୃଙ୍ଗ ।
ଏବେ ଏଭେରେଷ୍ଟ ଶୃଙ୍ଗରୁ
ତୁମେ ଦେଖୁଛ
ତୁମର ସେ ପୁରୁଣା ଜହ୍ନ
ସୁନେଲି କି ରୁପେଲି ନୁହଁ
ସେ ଏକ କଳା ଗହ୍ୱରଭରା
ଶିଳାଖଣ୍ଡ, ଖାଲି ଶିଳାଖଣ୍ଡ ।
ସେଦିନ ସବୁ ସ୍ୱପ୍ନ, ସବୁ ମାୟା
ତୁମଲାଗି ଆଜି ହାୟ ବିରୂପ, ବିଭଙ୍ଗ ।।

■●■

Digital Copy from the Author

ସନ୍ଦେହ

ସନ୍ଦେହର କଳାକଳା ମେଞ୍ଚାମେଞ୍ଚା
ଶ୍ରାବଣୀ ବାଦଲ ସବୁ
ମୁହଁ ଲୁଚାଇଲେ
ମୋ' ଚିର ସଫେଦ ନୀଳନୀଳ
ଅଶିଣ ଆକାଶେ ।
ଏବେ କିନ୍ତୁ ଶୁଭେ ନାହିଁ
ମହାବାତ୍ୟା ଟାଇଫୁନ୍ ଝଙ୍କାର
ମୋ' ଆକାଶେ ଉଡ଼େନାହିଁ
ଈର୍ଷାର ଶାଣଦେଇ
ସେ ଦୂରନ୍ତ ଝଡ଼ର ଇଗଲ
ସବୁ ଶାନ୍ତ, ସମାହିତ
ନିରବ, ନିଥର,
ସବୁଆଡ଼େ ନିରବ ପ୍ରଶାନ୍ତି
ନୀଳ ନୀଳ ଆକାଶର
ସାମିଆନା ତଳେ
ଉଡ଼େ ଏକା ଶାନ୍ତିର କପୋତ
ଚଞ୍ଚୁରେ ନିରଚ ଗୀତ
ଓଁ ଶାନ୍ତି, ଓଁ ଶାନ୍ତି, ଶାନ୍ତି ଓଁ...

■●■

Digital Copy from the Author

ଉଜାଣି ବସନ୍ତ

ମୋ' ଅଜାଣରେ ଋତୁ ପରେ ଋତୁ ବଦଳିଲା
ମୁଁ କିନ୍ତୁ ହଜିଛି
ଷୋହଳଟି ତୋରା ବସନ୍ତର
ସେଇ କାଦମ୍ବରୀ ସ୍ପର୍ଶରେ ।
ଦେହ ମନର ଉପତ୍ୟକାରେ ଶିହରଣ
ଚିର ବସନ୍ତର ରାସୋତ୍ସବ
ମଳୟର ଆଲିଙ୍ଗନ ।
ଗ୍ରୀଷ୍ମ ଶୁଖାଇ ପାରିନି,
ବର୍ଷା ଧୋଇପାରିନି
ଦେହ ମନ ହୃଦୟରୁ
ବସନ୍ତର ରଙ୍ଗ-ରଙ୍ଗୋଳି,
ହୋଲି ଖେଳର ଚିହ୍ନ
ଫଗୁଣର ଫଗୁ ।
ଅଧିକରୁ ଅଧିକ
ଲେସି ହୋଇଯାଇଛି ମନରେ
ଷୋହଳଟି ଉଜାଣି ଋତୁ
ପୁଣି ବାହୁଡ଼ି ଆସିଛି
ପୁଷ୍ପିତ ମୋ' ହୃଦୟର ଉପବନେ ।।

Digital Copy from the Author

ଧରିତ୍ରୀ

ସେ ନାରୀ
ସାକ୍ଷାତ୍ ବସୁମତୀ
ସ୍ୱୟଂ ଧରିତ୍ରୀ,
ଅନ୍ତରେ ଉତ୍ତପ୍ତ ଲାଭା
ଟକ୍‌ମକ୍ ଟକ୍‌ମକ୍ ଫୁଟୁଥାଏ ଯେ
ଫୁଟୁଥାଏ ।
ଅଥଚ ସେ ଉତ୍ତପ୍ତ ଲାଭାକୁ
ସବୁ ଯନ୍ତ୍ରଣାକୁ
ଆଖି ଲୁହରେ ଧୋଇ
ବୁକୁରେ ଚାପିରଖି,
ବୁକୁରୁ ତା'ର ଝରାଏ
ଅମୃତର ଧାରା ।

Digital Copy from the Author

ସେ ଅମୃତେ
ସଞ୍ଜୀବିତ
ସୃଷ୍ଟିସାରା,
ସେ ସୃଷ୍ଟିର ଧାତ୍ରୀ,
ସବୁ ଆବର୍ଜନା
ଦୁଃଖ ନିର୍ଯାତନା
ମଥାରେ ଚନ୍ଦନ କରି
ବୋଲିହୁଏ
ଠିକ୍ ଯେମିତି
ମାଟି ମା'
ଏ ପୁଣ୍ୟା ଧରିତ୍ରୀ ।
କନ୍ୟା ହୋଇ,
ଭ୍ରୂଣ ହୋଇ
ଉପେକ୍ଷା-ଶିକାର
ଦୈବାତ୍ ବା ଜନ୍ମହେଲେ
ଧୂଳିଘର ଝିଅ ବେଳୁ
ସହେ ଅତ୍ୟାଚାର ।
ପଦେ ପଦେ ଅବହେଳା
ଅତ୍ୟାଚାର ନିର୍ଯାତନା
ଏନ୍ତୁଡ଼ିଶାଳରୁ ଜଳେ
ଦିକ୍ ଦିକ୍ ଯଉତୁକ ଜୁଇ ।
ସେ ଜୁଇରେ ଜୀଅନ୍ତା
ସେ ଜଳୁଥାଏ
ସେଁ ସାଁ ହୋଇ ।
ଝିଅପିଲା ବୋଲି
କୈଶୋରଟା କଟିଯାଏ,
ଆକଟେ ଆକଟେ
କେବଳ ତା' ପାଇଁ

Digital Copy from the Author

ଟଣାହୋଇଥାଏ
ଶରମୁନେ ତିନିଗାର
ସୃଷ୍ଟିଛଡ଼ା ବିଧି ନିଷେଧର ।
ତା'ପରେ ସେ ସାଜେ ବଧୂ
ହୃଦୟରେ, ମନରେ ଭରି ମଧୁ ଖାଲି ମଧୁ ।
ମଧୁମୟ ସ୍ୱପ୍ନ ଦେଖୁଦେଖୁ
ମଧୁରାତି ପାହିଯାଏ,
ଫୁଲଶେଯେ
ଫୁଲ ନୁହେଁ କଣ୍ଟା ଭରିଯାଏ ।
ଆକଟରେ, ଆକଟରେ ବଞ୍ଚିବାକୁ ହୁଏ
ସବୁଠି ବର୍ଦ୍ଦିପିନ୍ଧା ପ୍ରହରୀର,
ରକ୍ତଚକ୍ଷୁ ଘୂରେ
ଦିନରାତି ଚବିଶପ୍ରହରେ ।
'ଯା' କର, ତା' କରନା
ଶୁଣି ଶୁଣି ... ବିରକ୍ତି ଆସେ
କିନ୍ତୁ ସେ ନାରୀ
ଗୃହଲକ୍ଷ୍ମୀ, ଗୃହର ସାମ୍ରାଜ୍ଞୀ,
ଚଉଦିଗେ ଯାହା ଦେଖେ
ସବୁ ତ ତା'ର;
କିନ୍ତୁ ତା'ର ନାହିଁ
କେଉଁଥିରେ ଅଧିକାର ।
ମଥାରେ କଣ୍ଟାର ମୁକୁଟ,
ଛାତି ତା'ର କ୍ରୁଶବିଦ୍ଧ,
ହାତରେ ଅଦୃଶ୍ୟ କଡ଼ି
ଗୋଡ଼ରେ ବି ବେଡ଼ି,
ତା'ପାଇଁ ପଥ ନାହିଁ
ଅନ୍ୟ ରାସ୍ତା ନାହିଁ
ରୁଦ୍ଧ ସବୁ ବାଟ ।।

■●■

Digital Copy from the Author

ମୌସୁମି

ମୌସୁମି !
କେତେବେଳେ ତୁମେ ଆସ
ମୋ' ପୃଥ୍ୱୀକୁ ତୁମ
ନୂପୂରର ଛନ୍ଦେ ଛନ୍ଦେ,
ଝୁମୁଝୁମୁ ସ୍ୱର ତୋଳି
ନାଚିନାଚି ଗୀତ ଗାଇଗାଇ ।
ତୁମ ଶୀତୁଆ ପବନ ହିଲ୍ଲୋଳେ
ମନଭରି ଦୋଳି ଖେଳେ ତୁମ ସାଥେ
ତୁମ ସୁରରେ ସୁର ମିଶାଇ
ମତୁଆଲା ହୁଏ ।

ମୌସୁମି !
ଆଉ କେତେବେଳେ ତୁମେ ଆସ
ଘନଘୋର ନାଦ କରି
ବିଜୁଳୀ ଚମକାଇ,
ଘଡ଼ଘଡ଼ି ଘୋରନାଦେ
ଥରାଇଦିଅ
ମୋ' ପୃଥ୍ୱୀର ସବୁ ଅଣୁ ପରମାଣୁ ।
କେବେକେବେ ଅଣଚାସ ବତାସିରେ
ମୋ' ଦେହକୁ, ମୋ' ମନକୁ
କୁଆରିଆ ସୁନାମି ଭସାଇ ନିଅ
ମୋ' ମନର ସାଇତା ସବୁ ମାପଚୁପ୍ ସପନକୁ ।

■●■

Digital Copy from the Author

ମରୁଝରର ସ୍ୱର

ଉପରେ ମଧ୍ୟାହ୍ନର ସୂର୍ଯ୍ୟ
ଅବିରତ ଝରଝର ଝରିଯାଏ
ନିଆଁର ଫୁଆରା,
ତଳେ ଯୋଜନଯୋଜନ
ଲମ୍ବିଯାଏ ଖଇଫୁଟା ମରୁବାଲି
ଚାରିଆଡ଼େ ନାଗଫେଣି
ଲହଲହ କଣ୍ଟାଳିଆ ଜିଭ
କଣ୍ଟାର ଅରଣ୍ୟ ।

Digital Copy from the Author

ପାଦେ ବି ତ ପାରୁନାହିଁ ଟାଳି
ପଛକୁ ଫେରିବାର ପ୍ରଶ୍ନ ଉଠୁନାହିଁ;
ପଛରେ ମୋ' ରକ୍ତାକ୍ଷରା ନିଜ ପାଦଚିହ୍ନ,
ମନ ପ୍ରାଣ ମୋର ବିଭଙ୍ଗ, ବିକ୍ଷତ
ଅଗ୍ନି ପରୀକ୍ଷାର ଛଳେ,
ମୋତେ ଯେ ଗ୍ରାସିଛି
ରାହୁଛାୟା ହୋଇ ।

ଡରଲାଗେ, ଖୁବ୍ ଡରଲାଗେ
ଆଖିଖୋଲି ଚାହିଁବାକୁ ମୋର ସେହି
ଜ୍ୱାଳାମୟ ଧୂସର ଅତୀତ ।
ମୋ'ର ବି ଦିନେ ସ୍ୱପ୍ନ ଥିଲା
ଖାଁ' ଖାଁ' ମରୁଭୂମି ନୁହେଁ
ଚିରହରିତ୍ ମରୁଦ୍ୱୀପ - ମରୁଦ୍ୟାନ
ବୁଲ୍‌ବୁଲ୍‌ର ହୃଦୟଥରା ସ୍ୱର,
ଘନ ଘଞ୍ଚ ଖଜୁରି ଅରଣ୍ୟ,
ଯା' ଛାଇରେ ବିତାନ୍ତି ମୋ' କ୍ଲାନ୍ତ ଦେହ ମନ ।

ଏବେ ବି ମୁଁ ଅପେକ୍ଷାରେ
ସେଇ ମରୁଦ୍ୟାନ ମଝିରେ
କାଚକେନ୍ଦୁ ଅମୃତର ଧାର,
ଯାହାର ସ୍ନେହାତୁର ଶୀତଳ ସ୍ପର୍ଶରେ
ହଜିଯିବ ଜ୍ୱାଳାମୟ ଧୂସର ଅତୀତ
ସବୁଜିମା ସ୍ୱପ୍ନରେ ସ୍ୱପ୍ନରେ
ଭାରି ଭାରି ଆଖିପତା ହେବ ତନ୍ଦ୍ରାୟିତ ।।

■●■

Digital Copy from the Author

ମନ

ମାର୍ବଲ୍ ଚିକ୍ ମିକ୍ ଟାଇଲ୍‌ଭରା
ଶୀତତାପ ନିୟନ୍ତ୍ରିତ ରାଜମହଲରେ
ବନ୍ଦୀ ମୋ' କୁଆଁରୀ ଅଲିଅଳୀ ମନ ।।
କେତେ ପଦ ମପାଚୁପା କଥା
ଆଉ କେଇପଦ ଆଙ୍ଗୁଠିଗଣା ନିୟମ ମାନି
ଏକପଦୀ ରାସ୍ତାରେ ଚାଲିବାକୁ ମନମୋର ମନାକରେ ।
ଅମାନିଆ ମନମୋର ହଜିଯାଏ
ସାତସମୁଦ୍ର ତେର ନଈ ଡେଇଁ,
କେଉଁ ଏକ ଅଗନାଅଗ୍ନି ବନସ୍ତକୁ
ଯେଉଁଠି ପତ୍ରର ପ୍ରତିଟି ମର୍ମର ତମ କଥା କହେ ।।
ତମ ସ୍ୱର ଭାସି ଆସେ ସାଇଁ ସାଇଁ ପବନରେ
ତମ ସ୍ୱର ମିଶିଯାଏ ମୋର ସ୍ୱରେ
ତମରି ମହକ ଛୁଟେ ମୋ' ପ୍ରତି ପାଖୁଡ଼ାରେ ।
ମୁଁ ବିଭୋର ହୋଇଉଠେ, ଫେରିପାଏ,
ଷୋଳଟି ଫଗୁଣ ମୋର ତମ ରଙ୍ଗରେ ରଙ୍ଗିନ ହୋଇ
ହୋଲି ଖେଳେ ତୁମରି ସାଥିରେ ।
ସବୁ ବନ୍ଧନକୁ କାଟି ଦେଇ, ତମ ସାଥେ ନିଜକୁ ହଜାଇଦିଏ
ନିଜକୁ ମିଶାଇଦିଏ ଆକାଶର ନୀଳ ନୀଳିମାରେ ।
ତୁମଠୁ କିଛି ବି ଚାହେନା
ହୀରା, ନୀଳା, ମୋତି ଅବା ଜରିପକା ଶାଢ଼ୀ
ଲୋଡ଼ାଖାଲି...
ଯିଏ ଭାବୁଥିବ ମୋ' କଥା ପ୍ରତି ମୁହୂର୍ତ୍ତରେ ।
ଜହ୍ନ, ତାରା, ଫୁଲ ଆଉ ଫଗୁଣର
କାନେ କାନେ କହୁଥିବ ମୋ' କଥା,
ଝରିପଡୁଥିବ ଲେଖନୀରୁ ତା'ର
ଖାଲି ମୋ'ରି ପାଇଁ କେତେ ଯେ କବିତା ।

■●■

Digital Copy from the Author

କବିବଧୂର ଦୁଃଖ

"ଚାହେନା ଧନ, ଚାହେନା ବଇଭବ,
ତମେ ଯେ କବି ସେଇ ମୋ' ଗଉରବ" !...
ରଚିଲ ତୁମେ କବି ଏମିତି କବିତା ସତ
ଚାହି ନଥିଲା ସେ ଧନ, ବଇଭବ,
କ'ଣ ସେ ଚାହିଥିଲା ଭାବିଛ କି ଥରେ ?
ଏତେ ବହି ପଢୁଥିଲ,
କେବେ ଥରେ ପଢ଼ିଛକି ତା' ମରମ କଥା ?
କେବେ ଥରେ ଦେଖିଛ କି ତା' ଆଖିର ସପନକୁ ?
ମାପିଛ କି ଛାତିର ସ୍ପନ୍ଦନକୁ ?
ତା' ଥରିଲା ଥରିଲା ଓଠରୁ ବୁଝିଛ କି ତା' ଅକୁହା ଭାଷା ?
ଚାହି ନ ଥିଲା ଧନ ବଇଭବ
ଖୋଜିଥିଲା ତୁମରି ସାନ୍ନିଧ,
ତୁମଠାରୁ ସ୍ନେହବୋଳା କଥା କେଇ ପଦ ।
ଯେବେ ବାସର ଶେଯରେ ତୁମ ପ୍ରତୀକ୍ଷାରେ
ଲୁହରେ ଭିଜିଥିଲା ତା' ପଣତ କାନି,
ତୁମେ କବି ସେବେ ବୁଲୁଥିଲ
ସପନ ରାଇଜେ ରାଜକୁମାରୀଙ୍କ ମେଳେ
ଆନନ୍ଦ ବିଭୋର ହୋଇ ।
ସେହି ତୁମ ବନ୍ଧୁ, ତୁମ ପ୍ରିୟା;
ତା' ସାଥିରେ ନିଜକୁ ହଜାଇ ଦିଅ, ମିଶାଇ ଦିଅ
କବିବଧୂ ନାମକୁ ସେ ମାତ୍ର ।
ସରଳ ମନକୁ ତା'ର ଭୁଲାଇବା ପାଇଁ
ପଦେ ପଦେ, କେବେ ଲେଖି ଦିଅ,
ବୁଝିଛ ? ଅନୁଭବିଛ କି,
ଦୀର୍ଘଶ୍ବାସ ସାଥେ ତା'ର ପ୍ରତି ବିନ୍ଦୁ ଲୁହ ? ?

■●■

Digital Copy from the Author

ବ୍ୟତିକ୍ରମ

ଫୁଟନ୍ତା ଫୁଲରୁ ମହୁ ସରିଲେ
କ'ଣ ଭଲପାଇବା ସରିଯାଏ ?
ତାହା ହିଁ ବୁଝେ
ମହୁଆ ନିଶାରେ ମସ୍‌ଗୁଲ୍ ଭଅଁର,
ମହୁ ସରିଗଲେ ଉଡ଼ିଯାଏ
ଖୋଜି ବୁଲେ ଆଉ ଏକ ସ୍ୱପ୍ନର ସହର ।
ହେଲେ ସୂର୍ଯ୍ୟ ଯୋଜନଯୋଜନ ଦୂରରେ
ଚାହିଁ ରହିଥାଏ ସୂର୍ଯ୍ୟମୁଖୀଲୁ,
ବହୁଦୂରେ ଥାଇ, ଥରେ ବି
ଛୁଇଁବାର କାମନା ନ ରଖି,
ଦେହ ନୁହେଁ, ବିଦେହ ତ
ପ୍ରେମର ଚିର ସାକ୍ଷୀ ॥

■●■

Digital Copy from the Author

ଭଲପାଇବାର ମାନେ

ଭଲ ପାଇବାର ମାନେ
ତୁମେ ବୁଝ
ନିଜେ ନିଜ ଭିତରେ ବଞ୍ଚିବା,
ଭଲପାଇବାର ମାନେ ମୁଁ ବୁଝେ
ମୁଁ ତୁମ ଭିତରେ
ତୁମେ ମୋ' ଭିତରେ ବଞ୍ଚିବା ।
ତୁମେ କାଲିକୁ ଭୁଲିଯାଇ
ବଞ୍ଚିଥାଅ ଆଜିରେ,
ବଞ୍ଚିଥାଏ ଆଜି ଏବଂ ଆଗାମୀ ଦିନମାନଙ୍କରେ
ମୁଁ କାଲିକୁ ଝୁରି ହେଉଥାଏ ପ୍ରତି ମୁହୂର୍ତ୍ତରେ ।
ତୁମେ ପ୍ରତୀକ୍ଷାର ଅର୍ଥ କ'ଣ ଜାଣନା
ଅନୁଭବ କେବେ ବି କରିନା,
ମୁଁ ପ୍ରତୀକ୍ଷାରେ ଯନ୍ତ୍ରଣାର ମଧୁରତା
ଉପଭୋଗ କରେ
ପ୍ରତି ମୁହୂର୍ତ୍ତରେ
ଖୁବ୍ ଆନନ୍ଦରେ, ଉଲ୍ଲାସରେ ।

■●■

Digital Copy from the Author

ଫଗୁ

ଫଗୁ ଖେଳିବାକୁ କାହିଁକି
ଭାରି ମନହେଲା ଦିନେ,
ଫଗୁଣକୁ କହିଲି
ନାଲି ନାଲି କିଶଳୟରୁ
ଫଗୁଟିକେ ଆଣି ଦିଅନ୍ତନି ?
ସେ ମନା କଲା ।

ଫଗୁ ମାଗିଲି ପଳାଶକୁ
କୃଷ୍ଣଚୂଡ଼ାକୁ,
ତମ ପାଖୁଡ଼ାରେ ପାଖୁଡ଼ାରେ
ବୁଣି ହୋଇଛି ଫଗୁ
ମୁଠାଏ ଫଗୁ ଦିଅନ୍ତନି ?
ସେମାନେ ମନାକଲେ ।।

ଉଇଁଆସୁଥିବା ନାଲି ନାଲି ସୁରୁଯକୁ
ମୁଠାଏ ଅବିର ମାଗିଲି,
ସେ ବି ମନାକଲା ।।

ସେଠୁ ନିରାଶ ହୋଇ
ତୁମ ପାଖରେ ଠିଆହେଲି ଚୁପ୍‌ଚାପ୍,
କି କିମିଆ ଜାଣ ତମେ
ପଢ଼ିଗଲ ମୋ' ମନର କଥା, ନ ମାଗୁଣୁ
ମୋ' ଶୂନ୍ୟ ହାତରେ ଭରିଦେଲ
ଆଞ୍ଜୁଳା ଆଞ୍ଜୁଳା ଫଗୁ,
ସତରେ ତମେ ଇ ମୋ' ମନର ମଣିଷ
ବୋଳିଦେଲ ଗାଢ଼ ରଙ୍ଗର ଫଗୁ
ମୋ' ଦେହରେ, ମନରେ ।।

■●■

Digital Copy from the Author

ତୁମେ ମୋ' ଜୀବନ

ତୁମକୁ ଦେଖିହୁଏନି
ଯାହା ଖାଲି
ଅନୁଭବି ହୁଏ,
ଯେମିତି ଦେଖି ହୁଏନି ପବନକୁ
ଅଥଚ ତାକୁ ଚିହ୍ନାଇ ଦିଏ
ଝାଉଁର ମର୍ମର,
ଅଥବା ଫଗୁଣ ନଈର
କାଚକେନ୍ଦୁ ଟବରଚବର
ଥାଣ୍ଟୁଥାଣି ପାଣିରେ
ପବନଆଉଁସା ନଈର
କୁନି କୁନି ଢେଉଢେଉକା
ଉର୍ମିଳ ଦେହପଥୁ ସିକ୍ତାର
ଅଥବା ଅଶିଣ ଆସିଛି ବୋଲି
କାକରଗାଧୁଆ ପ୍ରତିଟି ଘାସ ପତର ।
ତମକୁ ଛୁଇଁ ହୁଏନି
ଅଥଚ ଅନୁଭବେ
ଯେମିତି ଅନୁଭବେ ସୂର୍ଯ୍ୟକୁ
ଶୀତସକାଳର ଉଷ୍ଣତାରେ,
ଯେମିତି ଅନୁଭବେ ଚନ୍ଦ୍ରମାକୁ
ଗମ୍ ଗମ୍ ଝାଳବୁହା ତାତି ତଡ଼କରେ ।

■●■

Digital Copy from the Author

ଯେମିତି ଜଣେ

ଉତ୍ତରମେରୁରୁ ଦକ୍ଷିଣ ମେରୁ
ପୂର୍ବରୁ ପଶ୍ଚିମ ଗୋଲାର୍ଦ୍ଧ,
ବି଼ପୁଳ ବିସ୍ତୀର୍ଣ୍ଣ ଏଇ ପୃଥିବୀରେ
ମୋତେ ଲୋଡ଼େ ଖୋଜେ
ଜଣେ, କେବଳ ଜଣେ
ବିନା କାମରେ ବିନା ସ୍ୱାର୍ଥରେ;
ଯେମିତି ଲୋଡ଼େ -
ବର୍ଷା ବଉଦକୁ
ଚକୋର ଜ୍ୟୋସ୍ନାକୁ,
ଚାତକ ନବାମ୍ବୁକୁ
କଇଁ ଚନ୍ଦ୍ରକୁ
ପଦ୍ମ ସୂର୍ଯ୍ୟକୁ
ଫୁଲ ଭଅଁରକୁ ॥

■●■

Digital Copy from the Author

ମାୟାଜାଲ

ମୋ' ଚାରିପଟେ ସନ୍ଦେହର ଅନ୍ଧକାର,
ଖାଲି ଅନ୍ଧକାର ।
ସତ ମିଛ ଲୁଚକାଳି ଖେଳିଥିଲେ
ଭଲ ପାଇବାର ଛଳନାରେ
ମାୟାଜାଲରେ
କେମିତି ମତେ ଛନ୍ଦିଦେଇଥିଲେ ।
ସେ ମାୟା ଫାଶ କାଟି ବାହାରି ଆସିବାକୁ
ମୋ' ପାଖରେ ନା ଥିଲା ଶକ୍ତି
ନା ଥିଲା ଆତ୍ମବିଶ୍ୱାସ
ଅବଶ ଶରୀର ଉଦ୍ଭ୍ରାନ୍ତ ମନ ନେଇ
ହେଉଥିଲି ଯାହା ଛଟପଟ ।

■●■

Digital Copy from the Author

ଅନ୍ଧୁଣୀ

ମୁଁ ଗାନ୍ଧାରୀ
ବିଧିନିର୍ଦ୍ଦେଶକୁ ମାନି ନେଇ
ଅନ୍ଧ ଧୃତରାଷ୍ଟ୍ରକୁ ବରଣ କଲି
ବିନା ଦ୍ୱିଧା, ବିନା ସଙ୍କୋଚରେ
ବରଂ ବହୁତ ଖୁସି ଆଉ ଖୁବ୍ ଆଗ୍ରହରେ ।
ଆଖିରେ ଆଲୋକ ଥାଇ ବି
ଅନ୍ଧପୁଟୁଳି ବାନ୍ଧି ବସିଥିଲି ଜୀବନଟା ସାରା,
ଆଦର୍ଶ ପତ୍ନୀ, ଆଦର୍ଶ ନାରୀର ବାହା ବା' ନେବି ବୋଲି
ତା' ପ୍ରତି ବଦଳରେ କ'ଣ ପାଇଲି ?
ଦୁଃଖ-ବେଦନା-ଦୀର୍ଘଶ୍ୱାସ
ଆଉ ଗୁଡ଼ାଏ ନିର୍ଯ୍ୟାତନା ।

■●■

Digital Copy from the Author

ଏକାନ୍ତ ତୁମର

ଫୁଲ ଯେମିତି ଯେଉଁଠି ଥିଲେ ବି
ଗଭାରେ କି ଭୂଇଁରେ,
କି ଦେବତାଙ୍କଠାରେ,
ସେ ବୃକ୍ଷର,
ବୃକ୍ଷ ହିଁ ତା'ର ପରିଚୟ,
ମୁଁ ଯେଉଁଠି ଥିଲେ ବି ତୁମର;
ହୋଇପାରେ ସେ ମଣିମୟ ଅନ୍ତଃପୁରରେ
କି ମାଟିଲିପା ପତ୍ରକୁଡ଼ିଆରେ
ବଧୂର ଝିଲ୍ ମିଲ୍ ଓଢ଼ଣି ତଳେ,
ଅଥବା ଅନୂଢ଼ା କୁଆଁରୀ ବିନା ଓଢ଼ଣିରେ
ମୁଁ ତୁମର, ଏକାନ୍ତ ତୁମର,
ତୁମେ ହିଁ ମୋର ଏକମାତ୍ର ପରିଚୟ,
ଜନ୍ମ ଜନ୍ମାନ୍ତର । ।

■●■

Digital Copy from the Author

ଝରଣା କୂଳେ କୂଳେ

ଝରଣା ଦେଖିଲେ, ତମକୁ ଦେଖେ ମୁଁ
ଝରଝର ଝରିଯାଅ,
ମୋ' ଶ୍ୟାମ କେଦାର ଶ୍ୟାମାୟିତ ହୁଏ
ତମପାଇଁ ସିନା ପ୍ରିୟ ।
ଝରଣାର ଜଳ ପରି ଶୁଭ୍ର ସ୍ୱଚ୍ଛ
ଆମର ପ୍ରଣୟ ଧାର,
ପ୍ରତିବିମ୍ବେ ତହିଁ ଆମ ଯୁଗ୍ମ ଛାଇ
ହୁଏ ପୁଣି ଏକାକାର ।
ଝରଝର ସ୍ୱନେ କୁଳୁକୁଳୁ ତାନେ
ଗୁଣୁଗୁଣୁ ଗୀତଗାଇ,
ବାଉଳା ହେବାକୁ ଇଚ୍ଛା ହୁଏ ପ୍ରିୟ
ହାତେ ହାତ ଛନ୍ଦିଦେଇ ॥

■●■

Digital Copy from the Author

ସୀମା

ସୀମା ଅଛି ବିପୁଳା ଚ ପୃଥୀର
ସୂର୍ଯ୍ୟଚନ୍ଦ୍ର, ଚଉହଦିର,
ଅଛି ଦିଗହୀନ ଦିଗନ୍ତର
ଚଉହଦି ମାପିହୁଏ
ଗ୍ରାମ, ନଗ୍ର, ପାଟଣା ଅଥବା ଦେଶ ଦେଶାନ୍ତର,
ଏମିତି କି ମାପିହୁଏ ସୀମା ସରହଦ
ଦୈର୍ଘ୍ୟ, ପ୍ରସ୍ଥ ଅସୀମ ସାଗର, ମହାସାଗର ।
ହେଲେ ପ୍ରିୟ ମାପି କେ ପାରିବ,
ମହାକାଶ ଭଳି
ସୀମା ଓ ସୀମାନ୍ତ
ଆମ ସ୍ନେହ, ପ୍ରୀତି, ଭଲପାଇବାର ??

■●■

Digital Copy from the Author

ନୀଳ ଠିକଣା

ଭଲ ପାଇବା ଏକ ଅସମ୍ଭବ
ଜିଦ୍‌ଖୋର ବାଦୁଆ ନଈ
ତା' ପଥଟା ହିଁ ମରୁ ପଥ;
ନାଗଫେଣୀ କଣ୍ଟାବଣ
ଛାୟା ସ୍ନିଗ୍ଧ ମରୁଦ୍ୟାନ କାହିଁ ?
ପଛକୁ ଫେରେନା ଆଉ
ଆଗାଏ ସେ ଏକା ଏକା
ବାଟୋଇ ପକ୍ଷୀର ଗୀତ ଗାଇଗାଇ ।।
ଆଗରେ ପଛରେ ତା'ର
ଚୋରା ବାଲି,
ଖାଲି ଚୋରାବାଲି !
ନୀଳିମାର ସ୍ୱପ୍ନ ଦେଖି ଦେଖି
ଖୋଜି ଖୋଜି ତା' ନୀଳ ଠିକଣା
ଅତିକ୍ରମେ ମରୁପଥ, ଚୋରା ବାଲି
ସଂସାରର ସବୁ କିଛି ପାରଇ ସେ ଭୁଲି ।।

■●■

Digital Copy from the Author

ହଜି ହଜାଏ

ଫଗୁଣର ପ୍ରତିଟି ଫୁଲରେ
କିଆ କେତକୀରେ
ଚୈତ୍ର ମଲ୍ଲୀରେ
ଏମିତି କି ନିର୍ଗନ୍ଧ ପଳାଶରେ
ମୁଁ ପାଉଛି ଦୟଣା ତୁଳସୀର ବାସ୍ନା
ଯାହା ମୋତେ ପାଗଳ କରେ
ଶିଶୁର ଖିଲିଖିଲି ହସ
ମୋନାଲିସାର ସ୍ମିତ
ତମ ପାକୁଆ ପାଟିର ହସରେ
ତମ ରଙ୍ଗା ଅଧରରେ
ନିଶବ୍ଦ ଠୋ ଠୋ ହସ
ମୋତେ ଆନମନା କରେ
ଚନ୍ଦନ କସ୍ତୁରୀବୋଳା
ତମ ଦେହରୁ ବାସ୍ନା
ମୋତେ ନେଇଯାଏ
କେଉଁ ବିଦେହ ଇଲାକାକୁ
ଯେଉଁଠି ମୁଁ ହଜାଇଦିଏ ନିଜକୁ
ତମରି ଭିତରେ ।

■●■

Digital Copy from the Author

ମନ ମୋ' ରୁକୁଣା ରଥ

ମନଟା ମୋ' ଅମୂଲ ମୂଲ
ସେ ତ ରୁକୁଣା ରଥ
ଥରେ ଦେଲେ ଫେରି ଆସେ ନାହିଁ
କଥା ଥରେ ଦେଲେ ଭାଙ୍ଗି ହୁଏ ନାହିଁ ।
ତୁମେ ତ ଭାବୁଛ
ମନକୁ ମୁଁ ହଜାଇ ଦେଇଛି
କେଉଁ ଏକ କାଉଁରୀ କାମାକ୍ଷୀ ରାଇଜେ
ବନ୍ଧା ମୁଁ ପଡ଼ିଛି ମାଲୁଣୀର ଫାଶେ ।
ତମର ଏମିତି ଖିଆଲୀ ପ୍ରଜାପତି ମନ
କେତେବେଳେ କେଉଁଠି ଥାଅ
ତୁମେ ନିଜେ ହିଁ ତ ଜାଣ ।
କେବେ ବି ଚିହ୍ନିନାହଁ, ପଢ଼ିନାହଁ ବୁଝି ନାହଁ
ମୋ' ଅବୁଝା, ଦରଦୀ ମନକୁ ।
ତୁମକୁ ଭଲପାଇ, ଘୃଣା କରି
କେମିତି ମୁଁ ଝୁରେ ରାତିଦିନ ।
କେବେ ତ ଶୁଣିନାହଁ
ଅନୁଭବି ନାହଁ
ମୋ' ହୃଦୟ ତନ୍ତ୍ରୀର ନିରବ ଝଙ୍କାର ।
ତମେ ତ ମନଇଚ୍ଛା ଏଣେତେଣେ ଧାଉଁଥିବା
ନଦୀ ଧାରଟିଏ
କେତେବେଳେ କେଉଁଠି ଠିକଣା ହଜାଅ
ତା'ର ହିସାବ ନଥାଏ ।
ତମେ ବା ଜାଣିବ କେମିତି
ମୁଁ ସାଇତିଛି ମୋ' ପ୍ରୀତିକୁ
ମୁକ୍ତା ବିନ୍ଦୁଟିଏ କରି
ମୋ' ହୃଦୟ ଶାମୁକା ଭିତରେ,
ସାଗରର ଅତଳ ଗର୍ଭରେ ।

■●■

Digital Copy from the Author

ନିଜସ୍ୱ ସଂଳାପ

ଲୁହ ଭର୍ତ୍ତି ମୋ' ଆଖିରେ
ଭାସିଯାଏ ତୋ' ଚକାଡୋଳା
କୋହ ଉଠେ ହୃଦୟରେ ମୋର
ଆଙ୍କିହୁଏ ପ୍ରତିଛବି ତୋର
ତୋତେ ଅନୁଭବ କରିବାର
ମଧୁର ଅନୁଭୂତିରେ
ରୋମାଞ୍ଚିତ ହୁଏ ମୋର
ଶିରା ଉପଶିରା,
ନିରବରେ ଶୁଣେ ମୁଁ
ନିଜସ୍ୱ ସଂଳାପ ।

■●■

Digital Copy from the Author

ପ୍ରିୟତମ ପାଇଁ

ମଧ୍ୟରାତ୍ରୀର ସପ୍ତମୀ ଜହ୍ନ ତୁମେ
ରାତ୍ରିର ରଜନୀଗନ୍ଧାକୁ ଧୋଇଦିଅ
ତୁମର ସେ ସଫେଦ ଜ୍ୟୋସ୍ନାରେ
ଭରିଦିଅ ମହକ ତା'ର ପ୍ରତି ପାଖୁଡ଼ାରେ
ସେଦିନ ସାଧବ ପୁଅ ତୁମେ
ଅଥଳ ଅତଳ ସାଗରେ
ମେଲିଦେଇଛ ବୋଇତ ତୁମ
କେଉଁ ଏକ ପୋହଳା ଅବା ଲବଙ୍ଗଦ୍ୱୀପ ଆଡ଼େ
ହାତେ ତୁମ ତରଙ୍ଗର ରଙ୍ଗ ନେଇ
ବୋଳିଦିଅ ମତ୍ସ୍ୟକନ୍ୟା ଦେହରେ ମନରେ
ସେଦିନର ଖିଆଲି ବାଦଶାହ ତୁମେ
ସପନରେ ହଜିହଜି ପ୍ରେମରେ ମଜିମଜି
ସପନ ନାୟିକା, ତୁମ ପ୍ରିୟତମା ପାଇଁ
ତୋଳିଦେଲ ପ୍ରିତୀପ୍ରଣୟର ଅମର ସ୍ମାରକୀ
କେତେକେତେ ତାଜ୍ ପରେ ତାଜ୍
ଖାସ୍ ତୁମ ପ୍ରିୟତମା ପାଇଁ ।

■●■

Digital Copy from the Author

ପହିଲି ଆଷାଢ଼େ

ଆଷାଢସ୍ୟ ପ୍ରଥମ ଦିବସେ
ମନେଅଛି ତମେ ଆସିଥିଲ
ମେଘବୋଲା ଆକାଶେ ଆକାଶେ
ଖୋଜିଥିଲ ଯକ୍ଷପ୍ରିୟା
ଖୋଜିଥିଲ ମୋତେ
ପ୍ରୀତିର ଆବେଗେ
ଏବେ ପୁଣି ମିଳନ ଲଗ୍ନରେ
ମୋତେ ଖୋଜି ଖୋଜି
ତୁମେ ଡେଣା ମେଲି
ଘନଘଞ୍ଚ କଳାମେଘୀ
ବାଦଲେ ବାଦଲେ ।
କୁଆଁରୀ ମାଟି ମୁଁ
ବର୍ଷସାରା ପ୍ରତୀକ୍ଷାରେ
ଖାଲି ତୁମ ପ୍ରତୀକ୍ଷାରେ
ତମରି ପହିଲି ସ୍ପର୍ଶେ
ଶିହରିତ କଦମ୍ବରେ
ଭିଜା ଭିଜା ବାଉଳାବାସ୍ନା
ଖେଳିଯିବ ବତାସେ ବତାସେ
ଜାଗିବ ବେପଥୁ
ମୋ' ଦେହ ଆଉ ବିଦେହ ଆକାଶେ ।

■●■

Digital Copy from the Author

ମେଘମଲ୍ଲାର

ମେଘର ପଣତେ ହଜିବାକୁ ଚାହେ
ମେଘମଲ୍ଲାର ଗାଇ,
ଫୁଲର ଫଗୁଣେ ହଜିବାକୁ ଚାହେ
ଦରଫୁଟା କଳୀହୋଇ ।
କୃଷ୍ଣଚୂଡ଼ାର ନାଲିନାଲି ରଙ୍ଗେ
ରଙ୍ଗିନ୍ ସାଜଇ ମୁହିଁ,
ତୁମ ଗାଡ଼ିଆର କାଚକେନ୍ଦୁ ଜଳେ
ହେବି ମୁହିଁ ନୀଳକଇଁ ।
ତୁମ ଆକାଶର ଚନ୍ଦ୍ରମା ହୋଇ
ଜୋଛନା ବୁଣିବି ମୁହିଁ,
ମହୁଲ ବଣେ ଝୁମିବାକୁ ଚାହେ
ମହୁଲିଆ ସ୍ୱପ୍ନ ହୋଇ ।
ତୁମ ମନ ବନେ ଫୁଲଟିଏ ହୋଇ
ଚିରଦିନ ଫୁଟିବଇଁ,
ଅଶିଣ ସକାଳେ ତୁମରି ପଠାରେ
କାଶ ହସ ପରା ମୁହିଁ ।
ସଜଫୁଟା ଫୁଲୁ କାନ୍ତି ଉକୁଟି
ମୁକ୍ତାବିନ୍ଦୁ ଝରୁଥାଇ,
ପଳାଶ ବଣରେ ଝୁରିବାକୁ ଚାହେ
ପ୍ରିତୀର ପରାଗ ହୋଇ ।

■●■

Digital Copy from the Author

ଚିରନ୍ତନୀ

ତନୁ ଅଳସୀ ଛନ୍ଦଚପଳ
ଚଳଚଞ୍ଚଳ, ଖିଆଲୀ କିଶୋରୀ ନଈ
ଆଖିରେ ଆଖିଏ କୁଆଁରୀ ସ୍ୱପ୍ନ
ଏବଂ ମଧୁରତା ନେଇ
ଲୋଟିଯାଏ ସାଗର ବକ୍ଷରେ
ହଜାଇ ଦିଏ ରେଡ଼ିୟମ୍ ଭଳି
ଝଟକୁଥିବା ତା' ଝିଲିମିଲି
ସମୟର ମଧୁରତା
ଏବଂ ନିଜ ପରିଚୟ ।
କିନ୍ତୁ ହାୟ
କୁଆରିଆ ସାଗର
ପୂର୍ଣ୍ଣିମୀର ପୂର୍ଣ୍ଣ ଅହମିକାରେ
କୁଆରସବଳ ହସ୍ତରେ
ଠେଲିଦିଏ ନଈକୁ
କେଉଁ ନାମହୀନ ମୁହାଣର
ଅତଟ ତଟକୁ ।
କିନ୍ତୁ ଭୁଲିଯାଏ ହାୟ
ନୀଳିମାଟା ଚିରନ୍ତନୀ ନୁହେଁ
ଚିରନ୍ତନ ଚିରନ୍ତନୀ ନଈ
ଯିଏ ନିଜ ପରିଚୟ ଖୋଜିଖୋଜି
ଶେଷେ ହଜିଯାଏ ମହାସାଗରରେ
ସେହି ମହାସାଗରରେ
ନିଜକୁ ଦିଏ ସେ ହଜେଇ
ନଦୀ ବିନା ମହାସାଗରର
ଅଥବା ଅନ୍ୟଥା
ସ୍ଥିତି କାହିଁ ଅସ୍ତିତ୍ୱ ବା କାହିଁ ?

■●■

Digital Copy from the Author

ତୁ ପୂରି ରହିଛୁ

ତୁ ପୂରି ରହିଛୁ, ସବୁଠି ସବୁରି ଭିତରେ
ସମସ୍ତଙ୍କ ମନ ହୃଦୟରେ
ତୁ ଅଛୁ, ଆକାଶ ମାଟିରେ
ପାଣି, ପବନରେ ।
ତୁ ଅଛୁ କଥାରେ କଥାରେ
ହସରେ ଲୁହରେ, ଲାଜରେ
ଶକ୍ତିରେ, ରାଗରେ, ବିରହରେ
ତୁ ଅଛୁ ପକ୍ଷୀର କୂଜନରେ
ଯୋଛନା ସୁଅରେ
ଆଲୋକ ବନ୍ୟାରେ
ଅରୁଣିମା, ଅସ୍ତରାଗର ବର୍ଣ୍ଣାଳୀରେ
ତୁ ଅଛୁ ଶୀତଳ ଧୀର ସମୀର ଦୋଳାରେ
ମହାବାତ୍ୟାର ଝଙ୍କାର ଝଙ୍କାରେ
ଆଉ ପ୍ରଳୟ ସୁନାମି ଢେଉରେ ।
ତୁ ଅଛୁ ରୋଗୀର ଯନ୍ତ୍ରଣାରେ
ଦୁଃଖୀର କରୁଣ ଆହାରେ
ତୁ ଅଛୁ ସ୍ନେହରେ ଅନୁରାଗରେ
ଦୟା ଆଉ କ୍ରୋଧର ଉପରେ
ମୁଁ ତୋତେ ଅନୁଭବୁଛି ସବୁଠି
ସବୁରି ଭିତରେ ।

■●■

Digital Copy from the Author

ପତ୍ନୀର ଦୁଃଖ

ସେଦିନ ତୁମେ ପ୍ରେମିକାଟି ଥିଲ ସତରେ ଚାରି ଭଲଥିଲ
ତୁମକୁ ନେଇ କେତେ ସ୍ୱପ୍ନ ଦେଖୁଥିଲା
କଳ୍ପନାରେ ହଜୁଥିଲା ତୁମ ମନର ମଣିଷ
ତୁମକୁ ନେଇ ଲେଖୁଥିଲା
କେତେ ଗପ, କେତେ ଯେ କବିତା
ପାଗଳ ହେଉଥିଲା ତୁମ ପାଇଁ
ଖାସ୍ ତୁମ ପାଇଁ ।
କହୁଥିଲା ତୁମ ବିନା ବଞ୍ଚିପାରିବିନି
ତୁମେ ହିଁ "ମୋ' ଜୀବନର ଜୀବନ"
ବନ୍ଧା ହୋଇ ରହିଥିବି ତୁମରି ପଣତ କାନିରେ ।
ପତିକୁ ପତିତରୁ ଉଦ୍ଧାରିବା ପାଇଁ
ପତ୍ନୀ ହେଲ ଯେବେ ଅକାଡ଼ି ହୋଇଗଲା
ସଂସାରର ସବୁ ବୋଝ ତୁମରି ଉପରେ ।
ସତୀ, ସ୍ୱାଧ୍ୱୀ, ସୁଗୃହିଣୀର ମାନ ଖାତିରିରେ
ସହିଗଲ ଯେତେ କଷ୍ଟ ଯେତେ ନିର୍ଯ୍ୟାତନା
ସର୍ବଂସହା ଧରିତ୍ରୀ ହୋଇ
ସ୍ୱାମୀ ପରିବାରର ସୁଖ, ଶାନ୍ତି ମନାସି
କଲ କେତେ ଓଷାବ୍ରତ, ପୂଜା ଆରାଧନା
ଅଜାଡ଼ି ଦେଲ ଯେତେ ପ୍ରେମ ଓ ଭକ୍ତି
ତୁମ ସ୍ୱାମୀ ପଦତଳେ
ତଥାପି ବି ବାନ୍ଧି ପାରିଲିନି ତୁମ
ମନର ମଣିଷର ମନକୁ
ତୁମର ସେ ଲମ୍ୱା ପଣତ
ଆଉ ଦାଉ ଦାଉ ଝଟକୁଥିବା
ସିନ୍ଦୂର ଟୋପାରେ ।

■●■

Digital Copy from the Author

ମାଟିର କନ୍ୟା

ମୁଁ ନାରୀ;
ସାଧାରଣ ଝିଅଟିଏ,
ନିରିମାଖୀ ବୋହୂଟିଏ,
ପଦେ ପଦେ କେତେ ବାଧା
କେତେ ବନ୍ଧନ, କେତେ ଅର୍ଗଳି ।

ଏଠି ମୋତେ କହିବା ମନା,
ଚୁପ୍ ରହିବା ମନା,
ବସିବା ମନା, ଉଠିବା ମନା,
ହସିବା ମନା, କାନ୍ଦିବା ମନା;
ସବୁଥିରେ ତିନି ଗାର
ବିଧି ନିଷେଧର ସଂହିତା,
ମୋ' ପାଇଁ ସବୁକିଛି
ନା' ... ନା' ... ନା' ... ।
ସବୁକିଛି ମୋ'ର, ମୋ'ର
ଅଥଚ କେଉଁଥିରେ
ନାହିଁ ଟିକିଏ ବି ଅଧିକାର ।
ଅପବାଦ ଲାଞ୍ଛନାର ବୋଝ ବୋହି
ମୁଁ କୂର୍ମଟିଏ ହେଲି
ସଂସାର-ଇନ୍ଦ୍ରଦ୍ୟୁମ୍ନ ସରୋବରେ ।
କ'ଣ ବା ଆଶା କରିବି ?
କେଉଠୁଁ ? କାହାଠୁ ?

Digital Copy from the Author

ରକ୍ତର ସମ୍ପର୍କଠୁ ?
ନା ଜୀବନ, ମନ ସମ୍ପିଦେଇଥିବା
ମନର ମଣିଷଠୁ ?
ଟିକିଏ ସ୍ନେହ, ମମତା, ସାମାନ୍ୟ ସହାନୁଭୂତି
ସାତ ସପନର ସପନ !
କେଉଁ ନାରୀ ବା ପାଇଛି
ତା'ର ନ୍ୟାୟ, ହକ୍, ସ୍ୱାଧିକାରର
ସାମାନ୍ୟ ସ୍ୱୀକୃତି ? ?
ରାଜନନ୍ଦିନୀ ରାଜବଧୂ
ପଞ୍ଚସ୍ୱାମୀ ପତ୍ନୀ
ଅଗ୍ନିସମ୍ଭୂତା ଯାଜ୍ଞସେନୀ ଦ୍ରୌପଦୀ ?
ନାରୀ ନିର୍ଯାତନାର ଯେ ମୂର୍ତ୍ତିମତୀ !
ସତୀ ସାଧ୍ୱୀ ପ୍ରଣୟତପସ୍ୱିନୀ ସୀତା
ମର୍ଯାଦା ପୁରୁଷଙ୍କ ଖିଆଲରେ
ସିଏ ହେଲେ ନିର୍ବାସିତା !!
ଅପ୍ରାକୃତ ପ୍ରେମମୂର୍ତ୍ତି
ଶୁଦ୍ଧ ସୁବର୍ଣ୍ଣ ଶ୍ରୀରାଧା,
ଅପବାଦର ବୋଝ ବୋହି ବୋହି
ସିଏ ସାଜିଲେ କଳଙ୍କିନୀ, କୁଳଟା !!!
ଦେବତାଙ୍କ ଛଳନା ଏବଂ
ସ୍ୱ ପତ୍ନୀଙ୍କୁ ସୁରକ୍ଷା ଦେଇ ପାରୁନଥିବା,
ଋଷି ଗୌତମଙ୍କ ଅଯଥା ଅଭିଶାପେ
ପାଲଟିଲେ ପଥର
ନିର୍ଦ୍ଦୋଷ ଅହଲ୍ୟା !!!!
ଆଉ ମୁଁ ?
ମୁଁ ତ ଛାର ମାଟିର କନ୍ୟାଟିଏ
ଅକିଞ୍ଚନ ନାରୀଟିଏ !!

■●■

Digital Copy from the Author

କୃଷ୍ଣଚୂଡ଼ା

କୃଷ୍ଣଚୂଡ଼ା ମୁଁ
ପ୍ରଚଣ୍ଡ ସୂର୍ଯ୍ୟଶିଖାକୁ
ଶୋଷି ଶୋଷି ଲାଲ୍ ଟକ୍‌ଟକ୍
ବନିଯାଏ ମୁଁ ।
ନାଲି ଓଢ଼ଣି ଟାଣି ସୁନ୍ଦରୀ ସାଜି
ଆକର୍ଷିତ କରେ
କେତେ କବି ଆଉ ଭାବୁକମାନଙ୍କୁ ।
ଯୂଇ, ଜାଇ, ମଲ୍ଲୀ, ହେନା
ମାଳତୀର ସୁବାସ ଯେବେ ହଜିଯାଏ
ତାତି ତହକରେ
ପ୍ରଚଣ୍ଡ ରୌଦ୍ରତାପ ସହି ସହି
ମୁଁ ହସୁଥାଏ ମହା ଆନନ୍ଦରେ ।
ଯନ୍ତ୍ରଣା ହିଁ ଜୀବନ
ଯନ୍ତ୍ରଣାରେ ତଞ୍ଚତାର ସୁଖ
ଅନୁଭବେ ମୋର ପ୍ରତିଟି କୋଷରେ ।

■●■

Digital Copy from the Author

ଅଶରୀରୀ

ସେ ଏକ ଅଶରୀରୀ
ରୂପହୀନ,ବର୍ଣ୍ଣହୀନ,ବାସ୍ନାହୀନ ହୋଇ
ଘୂରିବୁଲେ ନିଶବ୍ଦରେ, ନିଷିଦ୍ଧ ନଗ୍ରରେ ।
ଶୂନ୍ୟରୁ ସ୍ୱର ଆସି ଶୂନ୍ୟରେ ମିଳାଏ,
କେବେ ପୁଣି ମନେ ହୁଏ
ମୁଁ ନିଜେ ଶୁଣୁଛି ନିଜର ସଂଳାପ,
କେବେ ଆସେ ସାଗର ଢେଉରେ,
ଜହ୍ନ କୋଛନାରେ,
କୋଇଲି କୁହୁରେ,
ପଗୁଣ ଫଗୁରେ.
ମଲ୍ଲୀ ମହକରେ ।
ଧରିବାକୁ ଚେଷ୍ଟାକଲେ ବି
ଧରାଦିଏନା ସେ; ଅଶରୀରୀ
ମିଶିଯାଏ, ଭାସିଯାଏ
ଆସିଥିବା ଶୂନ୍ୟ ଇଲାକାରେ ।

■●■

Digital Copy from the Author

ତୁମକୁ ପାଏ

ହେ ବିଶ୍ୱସ୍ରଷ୍ଟା ବିଶ୍ୱ ନିୟନ୍ତା
ତୁମକୁ ଦେଖେ ମୁଁ ଏଠି, ସେଠି, ସବୁଠି
ସବୁରି ଭିତରେ,
ତୁମକୁ ଦେଖେ ସାଗରର ନୀଳିମାରେ,
ସୀମାହୀନ ପ୍ରଶାନ୍ତ ଆକାଶ ବକ୍ଷରେ
ଘଞ୍ଚ ବନାନୀର ସୁବିଞ୍ଜିମା
ଆଉ ଅଗଣାର କାକର ଟୋପାରେ ।
ତୁମକୁ ଅନୁଭବେ
ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ବର୍ଣ୍ଣ ବର୍ଣ୍ଣାଳୀରେ
ଜ୍ୟୋସ୍ନାର ଅମୃତ ମାୟାରେ
ଭିଟାମାଟି ବାସ୍ନାରେ ବାସ୍ନାରେ ।
ତୁମକୁ ପାଏ ମୁଁ
ମୋ' ଅନ୍ତର ନିଭୃତ କୋଣରେ ।

■●■

Digital Copy from the Author

ଖୋଜୁଚି

ଖୋଜୁଚି ତା'କୁ ଲତା ଗହ୍ୱଳରେ,
କାନନେ, କାନ୍ତାରେ,
ଅଗନାଅଗନି ଚନସ୍ତରେ,
ପର୍ବତ ଶିଖରେ,
ଝରଣାର କୁଳୁ କୁଳୁ ସ୍ୱରେ,
ସାଗର ବେଳାରେ, ଶାମୁକା ଗର୍ଭରେ,
ଝାଉଁବଣ ଝାଇଁ ଝାଇଁ ପବନରେ ॥

ଖୋଜୁଚି ତାକୁ ଆଲୁଅରେ, ଅନ୍ଧାରରେ,
ଜନଗହଳିରେ,
ବସ୍, ଟ୍ରେନ୍, ଟାକ୍ସି ଆଉ ଅଟୋର ଭିଡ଼ରେ,
ଖୋଜୁଛି ତାକୁ ରାଜରାସ୍ତାରେ,
ଗାଁ ବିଲ ଶଗଡ଼ ସଡ଼କରେ ।
କେଉଁଠି ତ ମିଳିଲାନି ମୋତେ
ମୋତି ମାଣିକ୍ୟଖଞ୍ଜା ସେଇ ଫରୁଆସାଇତା
କୁହୁକଭରା କଥା କେଇପଦି
ଯାହା ଜନମରୁ ମରଣ ପର୍ଯ୍ୟନ୍ତ,
ବଞ୍ଚିବାର ଏକମାତ୍ର
ସଞ୍ଜୀବନୀ ମନ୍ତ୍ର !!

■●■

Digital Copy from the Author

ସ୍ପର୍ଶ

ମୋ’ ମଉଳା ଫୁଲଗନ୍ଧ
ଭାଙ୍ଗିପଡ଼େ ଫୁଲ ଓ କଢ଼ିରେ,
ମୋ’ ପଶ୍ଚିମା ମଳୁଜହ୍ନ
ହସିଉଠେ ଚନ୍ଦ୍ରଉଦିଆରେ,
ଝାମୁରନ୍ଧ୍ର ଆକାଶେ ମୋ’ ଛାଇଯାଏ
ଭସାଭସା କଳାମେଘ ମୌସୁମି ବାଦଲ ।
ମୋ’ ମନମରା ବନପକ୍ଷୀ
ଅଦିନ କୋଇଲି ସାଥେ
ପଞ୍ଚମ ଆଳାପ ତୋଳେ ।
କାହା ଇଙ୍ଗିତରେ ?
ସବୁଠି ତ ସେହି ସ୍ପର୍ଶ
କାଉଁରୀ ଇଙ୍ଗିତରେ
ଧରାଦିଏ ମୋ’ ବୀଣାର ପ୍ରତିଟି ତାରରେ ।

■●■

Digital Copy from the Author

ଚାହିଁଛି ତୋ' ବାଟ

ପଙ୍ଗୁ ମୁଁ, ଅର୍ଦ୍ଧିତା ମୁଁ
ଠିଆ ହୋଇଛି ତୋ ଦେଉଳ ବାହାରେ
ଜାଣେନା, କେମିତି ଲଙ୍ଘିବି
ତୋର ଏଇ ବାଇଶି ପାହାଚ
କେମିତି ବା ହେବ ଦେଖା,
ତୋ' ସହ ଗୁମ୍ଫଟରେ, ଗମ୍ଭୀରା ଭିତରେ !
ଠିକାଦାର ବଡ଼ପଣ୍ଡାମାନେ
ପ୍ରତି ଦ୍ୱାର ରୁଦ୍ଧ କରିଛନ୍ତି
ପ୍ରତି ଦ୍ୱାରେ ଗଡ଼କାଠ
ବିଧି ନିଷେଧର

Digital Copy from the Author

ଅନେକ ଅର୍ଗଳୀ
ବେତ ତାଙ୍କ ଗର୍ଜୁଅଛି ସାଇଁସାଇଁ
ଗଗନେ ପବନେ
ମାଛିଟିଏ ହେବ ନବଖଣ୍ଡ ।
ମୋ' ଭଳି ନିରିମାଖୀ
ଭିତରକୁ ଯିବ ବା କିପରି ?
ତା' ଛଡ଼ା ତୋ'ଠାରୁ
କିଏ ବା ଅଧିକ ଜାଣିଛି
କେତେ ଅସହାୟ
ଅଥର୍ବ ଓ ପଙ୍ଗୁ ମୁଁ
ହିମାଦ୍ରିର ବାଧାବିଘ୍ନ
ଲଙ୍ଘିବି କିପରି ?
ହେ କଳାକାହ୍ନୁ,
କାଳିନ୍ଦୀବିହାରୀ,
ମୋ' କଳା ଠାକୁର !
ଚାଲିଆ
ବାଇଶି ପାହାଚ ଡେଙ୍ଗି
ଛାଡ଼ି ତୋର
ଷାଠିଏ ପଉଟି ଭୋଗ
ରତ୍ନ ସିଂହାସନ
ପଣ୍ଡା ପଡ଼ିହାରୀଙ୍କ ଆକଟ
ବିଜେ ହ ମୋ' ଭିତିରେ
ମୋ' ଗମ୍ଭୀରାରେ
ମୋ' ହୃଦ ସିଂହାସନେ
ଦୁଇହାତ ଟେକିଦେଇ
ଅପଲକ ନୟନେ ତୋ'
ଚାହିଁ ଅଛି ବାଟ ।

■●■

Digital Copy from the Author

ଆଲୋକ ଅନ୍ଧାର

ଆଲୋକ ନିର୍ଲ୍ଲଜ ଭାବେ ଦେଖାଇ ଦିଏ
ମୋ' ଗୋପନ ଅଶ୍ରୁକୁ,
ଅନ୍ଧାର କିନ୍ତୁ ଗୁଣୁଗୁଣୁ କୋମଳଗାନ୍ଧାର ଗାଇ
ତା' କୋମଳ ପାପୁଲିରେ
ପୋଛିଦିଏ ମୋ' ଆଖିର ଧାରଧାର ତତଲା ଲୁହକୁ ।
କିଟିକିଟି ଅନ୍ଧାରେ ଘୁମେଇପଡ଼େ
ଚଳଚଞ୍ଚଳ ଅସ୍ତବ୍ୟସ୍ତ ସ୍ନାୟୁର ସହର
ମୋ' ଆଲୋକକ୍ଳାନ୍ତ ଆଖିରେ ଅନ୍ଧାର ଆସେ
ଜଙ୍ଗଲ ଆରପଟୁ,
ଅନ୍ଧାର ଆସେ ପର୍ବତ ଉହାଡ଼ୁ ।
ମୋ' ଆଲୋକକ୍ଳାନ୍ତ ଆଖିରେ କୁହୁକ ଅଞ୍ଜନ ବୋଳି
ସେ ନେଇଯାଏ କେଉଁ ଅଜଣା ପରି ରାଇଜକୁ
ଯେଉଁଠି ମୋ' ଇପ୍ସିତ ସ୍ୱପ୍ନ
ଡେଣା ମେଲି ଖଞ୍ଜିହୋଇଥାନ୍ତି
ଆପଣା ଛାଏଁ ଆପେ ।
ମୁଁ ଉଡ଼ିବୁଲେ
ତାରାଫୁଲେ ହସୁଥିବା ଗାଢ଼ ଅନ୍ଧାରରେ
ମୋ' ଜୀବନ ସ୍ୱପ୍ନ ଚିରହରିତ୍ ଗହନ ବନରେ ।।

Digital Copy from the Author

ସ୍ରଷ୍ଟାଙ୍କୁ ପ୍ରଶ୍ନ

ସ୍ରଷ୍ଟା ତୁମେ
ତୁମରି ସୃଷ୍ଟିରେ
ବୁହାଇ ଦେଇଛ ସର୍ଜନାର ଧାରା,
ଝରଣାର କୁଳୁକୁଳୁ ସ୍ୱର ।
ଫୁଲରେ ମହକ
ଆକାଶେ ଆକାଶେ ନୀଳ
ସାଗରରେ ମୁକ୍ତା
ସୃଷ୍ଟି କରିଛ ସୂର୍ଯ୍ୟ, ଚନ୍ଦ୍ର, ତାରା ।
ମଧୁରତାରେ ଭରିଛ ଏ ଧରା ।
ସଭିଏଁ ନାଚୁଛନ୍ତି ଆନନ୍ଦ ବିଭୋରେ
ମୁଁ କାହିଁକି ମୁହଁ ଧୁଏ ସକାଳୁ ସକାଳୁ
ମୋ ଆଖି ଲୁହରେ ?
ଶୁଣିଛି ମୁଁ ଯାଜ୍ଞସେନୀ କୃଷ୍ଣା
ଥିଲେ ତୁମ ଅତି ପ୍ରିୟ
ଦେଇଥିଲ କେତେ ଦୁଃଖ
କେତେ ଯେ ଯନ୍ତ୍ରଣା
ଜାଣିଛି ମୁଁ ଦୁଃଖ ସେ ନଥିଲା
ଥିଲା ମହାସୁଖ, ମହାଭାଗ୍ୟ ତାଙ୍କ
ତୁମେ ଥିଲ ଛାଇ ପରି ତାଙ୍କ ପାଶେ
ପ୍ରତି ମୁହୂର୍ତ୍ତରେ ।
ସତେ କ'ଣ ପ୍ରଭୁ ହେବ ମୋର ସେ ସୌଭାଗ୍ୟ
ଦେଇ ମୋତେ ଯେତେ ଦୁଃଖ ଯେତେ ନିର୍ଯ୍ୟାତନା
ତୁମେ ରହିଥିବ ଛାଇପରି
ମୋ' ପାଶେପାଶେ ମୋ' ଅଜାଣତେ
ପ୍ରତି ଲିତା ବିଲିତାରେ ।

■●■

Digital Copy from the Author

ଲକ୍ଷ୍ମୀଛଡ଼ା

ତୁମକୁ ଚାହିଁ ଚାହିଁ
ବିତିଗଲା କେତେ ଦିନ, କେତେ ରାତି,
ଯୁଗ ଯୁଗ କେତେ ଯୁଗ ପରେ
ତୁମ ଡୋରି ଲାଗିଲା ମୋଠାରେ,
ସେ ଦିନ ଟାଣିହୋଇ ଗଲି ମୁଁ ତୁମରି ପାଖକୁ ।
ତୁମ ଶ୍ରୀମନ୍ଦିରକୁ ନୁହେଁ ଗୁଣ୍ଡିଚା ମନ୍ଦିରକୁ,
ତୁମର ସୁନ୍ଦର ଚିକ୍କଣ କଳା ମୁହଁ ଦେଖୁ ଦେଖୁ
ନିଜକୁ ହଜାଇ ଦେଲି ତୁମରି ଭିତରେ ।
କିଛି ମୁଁ ତୁମକୁ ନ ମାଗୁଣୁ
ଅନୁମାନି ମୋ' ଥାଳ ଭରିଦେଲ ।
ମୋ'. ମନ ବୁଝି ସବୁ ଦେଲ ମୋତେ ସମର୍ପି ।
ହେଲେ ସବୁ ପୂର୍ଣତା ଭିତରେ
କେମିତି ଏକ ସର୍ବଗ୍ରାସୀ ଶୂନ୍ୟତା
ଅନୁଭବ କଲି ପ୍ରତିଟି ମୁହୂର୍ତ୍ତରେ ।
ମହାଲକ୍ଷ୍ମୀଙ୍କ ବିନା କେତେ ଅସହାୟ
କେତେ ଅସମ୍ପୂର୍ଣ୍ଣ ତମେ !
ପୁରୁଷୋତ୍ତମ ହୋଇ ନାରୀ ବିନା ପୁରୁଷ
କେତେ ଶ୍ରୀହୀନ ସତେ !
ତୁମ ମନ୍ଦିରରେ ଲକ୍ଷ୍ମୀ ପାଦଚିହ୍ନ ନଦେଖି
ମୋ' ଆଖିରୁ ଝରିଗଲା ଶ୍ରାବଣର ଧାରା ।
ଲକ୍ଷ୍ମୀପାଦ ଥାପି ହୋଇଗଲା
ଗୋଟି ଗୋଟି ହୋଇ
ମୋ' ହୃଦୟର କୋଣେ, ଅନୁକୋଣେ,
ଆଉ ମୋ' ମନ, ମୋ' ଚେତନାର
ପ୍ରତି ପାହାଚରେ ॥

■●■

Digital Copy from the Author

ଅଭିଶାପ

ଲୁହର ବନ୍ୟାରେ ଭାସିଗଲି ମୁଁ ଯେ
କୁଟାଖିଅଟିଏ ପରି,
ବ୍ୟଥା ବେଦନାର ଲୁହରେ କୋହରେ
ଜୀବନଟା ଗଲା ସରି ।
ଏତେ ସ୍ନେହ, ପ୍ରେମ, ହୃଦୟେ ଧରିବା
ସତରେ ବିରାଟ ପାପ,
ସେ ପାପ ପଙ୍କରେ ପୋତି ହୋଇଯାଏ
ପଡ଼ିଯାଏ ଅଭିଶାପ ।

■●■

Digital Copy from the Author

ପ୍ରତିଦାନ

ତମକୁ ଚିରସବୁଜ କରିବା ପାଇଁ
ମୋ' ସମସ୍ତ ଶ୍ୟାମଳିମା ସମର୍ପି ଦେଇ
ମୁଁ ହେଲି ଧୂସର ।
ତମ ଚଲାପଥରେ
କଣ୍ଟାଟିଏ ରହିବନି ବୋଲି
ମୁଁ ବିଛାଇ ଦେଲି
ମୋର ସମସ୍ତ ଫୁଲ,
ମୋ' ଯୌବନ ସମ୍ଭାର
ବରିନେଲି ଅକାଳ ବାର୍ଦ୍ଧକ୍ୟ ।
ତମେ ନିଶ୍ୱାସ ନ ନେଇ ପାରି
ଆକ୍ତାମାକ୍ତା ଉର୍ଦ୍ଧ୍ୱଶ୍ୱାସ ହେବାବେଳେ
ତମ ଓଠରେ ଓଠ ରଖି
ତମ ଛାତିରେ ଭରିଦେଲି
ତାଜା ଅମ୍ଳଜାନର ଅମୃତ;
ମୋ' ଆନନ୍ଦ ତମେ ଫେରିପାଇଲ
ନୂଆ ଜୀବନ, ଅନନ୍ତ ଯୌବନ ।
ହେଲେ ମୁଁ ପାଇଲି କ'ଣ ?
ନିଶ୍ୱାସ ବଦଳରେ
ଟିକିଏ ବିଶ୍ୱାସ
ଜାଣିଚାଏ ଭଲ ପାଇବା,
ସାମାନ୍ୟ ସ୍ୱୀକାରୋକ୍ତି,
ନା
ବରଂ ପାଇଛି
ନିର୍ବୁତା ଅଙ୍ଗାରକାମ୍ଳ,
ନୀଳ ନୀଳ ବିଷବାଷ୍ପବଳୟର
ଶ୍ୱାସରୁଦ୍ଧ କାରାଗାର ।

■●■

Digital Copy from the Author

ସହର ଓହ୍ଲାଇ ଆସେ

ସହର ଓହ୍ଲାଇ ଆସେ
ଆମ ଗାଁ ମୁଣ୍ଡ ବରଗଛ ତଳକୁ
ତଳେ ବିକୃତ ବିକଳାଙ୍ଗ ହୋଇ
ପିଲାଙ୍କର ହୋ ହୋ ହସ
ଗୁଲିଖଟି ମଦ ବୋତଲର ଝଣ୍‌ଝଣ୍ ଶବ୍ଦରେ
ସହର ଓହ୍ଲାଇ ଆସେ
ଆମ ଗାଁ ବିବାହ ବ୍ରତରେ

Digital Copy from the Author

ବିରୂପ, ବିଖଣ୍ଡିତ ହୋଇ
ନାଲି ନେଳି ଚିକ୍‌ମିକ୍ ଉପହାର
ସାନସାନ ପିଲାଙ୍କ ହାତରେ
ସହର ସହର ବାସ୍ନା ସମସ୍ତଙ୍କ ମନରେ ପ୍ରାଣରେ
ନ ଦେଇ କେହି କାହାର ଖାଇବେନି
କାହା ପାଖରେ କେହି ଋଣୀ ରହିବେନି ।
ସହର ଓହ୍ଲାଇ ଆସେ
ଆମ ଗାଁ' ବଗିଚାକୁ
ଯୁଇ ଜାଇ ମାଧବୀକୁ
ଜାଳି ଦେଇ, ମାରିଦେଇ
ଡାଳିଆ, ଜିନିଆ, କ୍ରୋଟନ
ଆଉ ଆଉ ସୋ ଗଛକୁ
ସ୍ୱାଗତ ଜଣାଇ ।
ସହର ଓହ୍ଲାଇ ଆସେ
ଆମ ଗାଁ' ଅନ୍ଧାରିଆ ଗୋହରୀକୁ
କୁଆଁରୀର ବେଶରେ ରଙ୍ଗରେ ଢଙ୍ଗରେ
ନୂଆବୋହୂର ବୋହୂପଣିଆ
କଥାଭାଷା ବାଲିଚଲଣିରେ ।
ସହର ଓହ୍ଲାଇ ଆସେ
ଆମ ଗାଁ' କଂକ୍ରିଟ୍ ଦାଣ୍ଡକୁ
ପ୍ରତି ଘରେ, ପ୍ରତିଟି ମନରେ
ଖିଆପିଆ, ଦିଆନିଆ
ଭାବ, ଭାବନାରେ
ଆମ ଗାଁ'ର ସ୍ନେହ, ସରାଗର
ଗାଉଁଲୀ ଗାଉଁଲୀ ବାସ୍ନା
ଉଡିଯାଏ କାହିଁ କେତେ ଦୂର
ସମୟର ସମୀର ଦୋଳାରେ ।

■●■

Digital Copy from the Author

ଭୀମ ଭୋଇଙ୍କୁ...

ଆକାଶରେ ଆକାଶରେ
ଅମେଇସା ଅନ୍ଧାର ଘୋଟିଗଲେ,
ଦିଗ୍‌ବଳୟରେ ସବୁ କଳା
ଲେସି ହୋଇଗଲେ,

Digital Copy from the Author

ଖଞ୍ଜଣିର ଲହରେ ଲହରେ
ତମେ ଉଦେ ହୁଅ
ଏକାକୀ ସଞ୍ଜୁଆ ତାରାଟେ ହୋଇ,
ତମ ଦିକ୍‌ଦିକ୍ ଆଲୁଅରେ,
ଅନ୍ଧାର ଲୁଚିବାକୁ ଡର ସହେନି;
କଳାକଳା ଜମାଟବନ୍ଧା ଅନ୍ଧାର
କେଉଁଆଡ଼େ କେମିତି ଯେ
ମିଳାଇଯାଏ ଜାଣି ହୁଏନି ।

ତୁମେ ନିଜେ ଅନ୍ଧ ହୋଇ
ଚକ୍ଷୁଦାନ କର
ଚକ୍ଷୁଷ୍ମାନ୍ କର
ମୋତେ, ସେମାନଙ୍କୁ, ଜଗତକୁ ।

ଗୋଟିଏ ପ୍ରାଣୀ ଟି
ଅପ୍ରମିତ ଦୁଃଖରେ, ଶୋକରେ
ନରକରେ ସଢୁଥିବା ଯାଏ,
ସେଇ ନରକ ହୁଏ ତମ ପାଇଁ
ଅମରାବତୀ, ବୈକୁଣ୍ଠ ।

ତୁମରି କୁହୁକ ସ୍ପର୍ଶରେ
ଏକ ସାଥେ ଉଦେ ହୁଅନ୍ତି
ଚନ୍ଦ୍ର-ସୂର୍ଯ୍ୟ-ତାରା,
ଲିଭିଯାଏ ଅନ୍ଧାର
ପ୍ରାଣୀଙ୍କ ଦୁଃଖ ଶୋକ,
ଲହଡ଼ି ଭାଙ୍ଗେ ଅମୃତର ବନ୍ୟା
ଲହଡ଼ି ଭାଙ୍ଗେ ଆଲୋକ ।

■●■

Digital Copy from the Author

ଶ୍ରୀମତୀ ମଞ୍ଜୁବାଳା ଦାସ ଦୀର୍ଘ ଚାରି ଦଶନ୍ଧିଧରି ସାହିତ୍ୟ ସର୍ଜନା ପାଇଁ ଲେଖନୀ ଚାଳନା କରି ଆସୁଛନ୍ତି । ମନର ଭାବକୁ ଭଣିବାପାଇଁ ସେ ମୁଖ୍ୟତଃ କବିତାକୁ ମାଧ୍ୟମ ଭାବେ ଗ୍ରହଣ କରିଆସିଛନ୍ତି । 'ମନ ନିର୍ଝର ତାଙ୍କ ସେହି ପ୍ରୟାସର ଫଳଶ୍ରୁତି । ତାଙ୍କ ବାପା ଶ୍ରୀ ହରମୋହନ ଦାସ ଥିଲେ ଜଣେ ଆଦର୍ଶ ଶିକ୍ଷକ । ସେ ପଙ୍କପାଳ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଭାବେ ଦୀର୍ଘ ଚାରି ଦଶନ୍ଧି କାର୍ଯ୍ୟକରି ପ୍ରଚୁର ଖ୍ୟାତି ଓ ଜନପ୍ରିୟତା ଲାଭ କରିଥିଲେ । ବାପାଙ୍କ ବୃତ୍ତିକୁ ଆପଣେଇ ଶ୍ରୀମତୀ ଦାସ ଜୀବନର ଦୀର୍ଘ ଚାଳିଶି ବର୍ଷ ବିଭିନ୍ନ ହାଇସ୍କୁଲ୍‌ରେ ଶିକ୍ଷକତା କରି ୨୦୧୫ରେ ବୃତ୍ତିନିବୃତ୍ତ ହେବାକକୁ ଯାଉଛନ୍ତି । ନିଜ ପରିବାରକୁ ଏକ ଲେଖକ ଓ ପାଠକ ପରିବାର କରିପାରିଥିବା ଶ୍ରୀମତୀ ଦାସ ଅବଶିଷ୍ଟ ଜୀବନ ସାହିତ୍ୟ ସାଧନାରେ ବିନିଯୋଗ କରିବେ ବୋଲି ଆଶା କରାଯାଏ । ତାଙ୍କ ବୋଉ ଶ୍ରୀମତୀ ଧୀରପ୍ରିୟା ଦାସ ମଧ୍ୟ ଜଣେ ଅନନ୍ୟା ପାଠିକା ।

ଶ୍ରୀମତୀ ମଞ୍ଜୁବାଳା ଦାସଙ୍କ ଜନ୍ମ ଏପ୍ରିଲ୍ ୧୩ ତାରିଖ ୧୯୫୭, ଜଗତସିଂହପୁର ଜିଲ୍ଲା ରାହାମା ନିକଟବର୍ତ୍ତୀ ମୁଆପଦା ଗ୍ରାମରେ ଏବଂ ବର୍ତ୍ତମାନର ଆବାସ ଭୁବନେଶ୍ୱର, ମୈତ୍ରୀଜନପଦ, ନହରକଣ୍ଟାର 'ଆମଘର' ।

ପାଠିକା

Digital Copy from the Author